ଧରିତ୍ରୀ
DHARITRI

December 9-15, 2018 ₹ 2/-

# ଛୁଟି ଦିନ



# କତା କାରିଗରି

୩
ପ୍ରଚ୍ଛଦ ପ୍ରସଙ୍ଗ

ଦିନ ଥିଲା ନଡ଼ିଆକତାକୁ କେବଳ ଜାଳେଣି ରୂପେ ବ୍ୟବହାର କରାଯାଉଥିଲା। ଏବେ କାରିଗରମାନେ ନଡ଼ିଆକତାରେ ବିଭିନ୍ନ କଳାକୃତିକରି ଜୀବିକା ନିର୍ବାହ କରିପାରୁଛନ୍ତି। ଏହା କେବଳ ଓଡ଼ିଶା ଭିତରେ ସୀମିତ ନ ହୋଇ ପହଞ୍ଚିଛି ସାରା ବିଶ୍ୱରେ...

୧୩
ସହରଠୁ ଦୂର



୮/୯
ସିନେମା





# ମୃତକଙ୍କ ପାଇଁ ହୋଟେଲ

ହୋଟେଲ ଏକ ବିଳାସପୂର୍ଣ୍ଣ ସ୍ଥାନ ଯେଉଁଠାରେ ଲୋକେ ଖାଦ୍ୟ ପାନୀୟ ଗ୍ରହଣ କରିବା ସହିତ ଆରାମରେ ବିଶ୍ରାମ ମଧ୍ୟ ନେଇଥାନ୍ତି। ବିଭିନ୍ନ ପ୍ରକାରର ହୋଟେଲ ବିଷୟରେ ଆପଣ



ଜାଣିଥିବେ ଏବଂ ଶୁଣିଥିବେ ମଧ୍ୟ। ତେବେ ଶୁଣି ଆଶ୍ଚର୍ଯ୍ୟ ହେବେ ଜାପାନର ୟୋକୋହାମାଠାରେ ରହିଛି ଏଭଳି ଏକ ହୋଟେଲ ଯାହା କେବଳ ମୃତବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। 'ଲାଷ୍ଟେଲ୍' ନାମକ ଏହି ହୋଟେଲକୁ ନିର୍ମାଣ କରିଛନ୍ତି ହିସାୟୋସି ଟେରାମୁରା ନାମକ ଜଣେ ବ୍ୟକ୍ତି। ଜାପାନରେ ବଢୁଥିବା ମୃତ୍ୟୁହାରକୁ ଧ୍ୟାନରେ ରଖି ଏଭଳି ଏକ ହୋଟେଲ ନିର୍ମାଣ କରିଥିବା କଥା କୁହନ୍ତି ହିସାୟୋସି। ସେ ପୂର୍ବରୁ ଶବଗୃହ କାର୍ଯ୍ୟ ସହିତ ଜଡିତ ଥିଲେ। ତେବେ ଜାପାନରେ ମୃତ୍ୟୁସଂଖ୍ୟା ଏତେ ମାତ୍ରାରେ ବଢିଗଲା ଯେ ଲୋକେ ନିଜ ଆତ୍ମୀୟଙ୍କ ଶେଷକୃତ୍ୟ ସମ୍ପନ୍ନ କରିବା ଲାଗି ଶ୍ମଶାନରେ ସ୍ଥାନ ପାଇଲେ ନାହିଁ। ଏଥିଲାଗି ସେମାନଙ୍କୁ ଦୁଇ ତିନି ଦିନ ଅପେକ୍ଷା କରିବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ହିସାୟୋସି ଏଭଳି ଏକ ହୋଟେଲ ନିର୍ମାଣ କରିବା ଲାଗି ଚିନ୍ତା କଲେ। ଏଠାରେ ଲୋକମାନେ ନିଜ ପ୍ରିୟଜନଙ୍କ ମୃତଦେହକୁ ଦୁଇ ତିନି ଦିନ ଯାଏ ରଖି ଶ୍ମଶାନରେ ସ୍ଥାନ ମିଳିବା ପରେ ଶେଷକୃତ୍ୟ ସମ୍ପନ୍ନ କରିଥାନ୍ତି। ଏଠାରେ ମୃତଦେହ ରଖିବା ଲାଗି ଗୋଟିଏ ଦିନ ପିଛା ୯୦୦୦ ୟେନ୍ ଦେବାକୁ ପଡିଥାଏ। ଏଠାରେ ଶବକୁ ବିଭିନ୍ନ ରାସାୟନିକ ପଦାର୍ଥ ପ୍ରୟୋଗ କରାଯାଇ ସତେଜ ରଖାଯିବା ବ୍ୟବସ୍ଥା ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୯-୧୫, ୨୦୧୮

**ମେଷ**
ରବି ଓ ସୋମ- ଶାରୀରିକ ସୁସ୍ଥତା ଓ ପାରିବାରିକ ପରିସ୍ଥିତି ଭଲ ରହିବ। ମଙ୍ଗଳ ଓ ବୁଧ- କାର୍ଯ୍ୟହାନି, ବ୍ୟସ୍ତତା, ଅର୍ଥ ପାଇବେ। ଗୁରୁ ଓ ଶୁକ୍ର-କାର୍ଯ୍ୟସିଦ୍ଧି, ରାଜକୀୟ ସମ୍ମାନ, କର୍ମସଂସ୍ଥାନ, ନୂତନ ଯୋଜନା, ଶନିବାର- ନୂତନ ସମ୍ପର୍କ, ଶୁଭ ଖବର ପ୍ରାପ୍ତି।

**ବୃଷ**
ରବି ଓ ସୋମ- ନୂତନ କର୍ମାରମ୍ଭ, କୃତକାର୍ଯ୍ୟ ହେବେ। ମଙ୍ଗଳ ଓ ବୁଧ- ମାନସିକ ଅସନ୍ତୁଳନ, ଆର୍ଥିକ ଅବରୋଧ। ଗୁରୁ ଓ ଶୁକ୍ର-ଯାନ୍ତ୍ରିକ ତ୍ରୁଟି, ଅନର୍ଥ ସୃଷ୍ଟି, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ। ଶନିବାର- ମଜା ମଉଜ, ମିତ୍ରତା, ଆନୁଷ୍ଠାନିକ କାର୍ଯ୍ୟ।

**ମିଥୁନ**
ରବି ଓ ସୋମ- ସଫଳ ଯାତ୍ରା, ବନ୍ଧୁଙ୍କ ସାହାଯ୍ୟ। ମଙ୍ଗଳ ଓ ବୁଧ-ଅର୍ଥ ଲାଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ। ଗୁରୁ ଓ ଶୁକ୍ର-ବିଶୃଙ୍ଖଳା, ପ୍ରତିବନ୍ଧକ। ଶନିବାର- ନେତୃତ୍ୱ ନେବେ, ପ୍ରଶାସନିକ ସଫଳତା।

**କର୍କଟ**
ରବି ଓ ସୋମ- ଆରୋଗ୍ୟଲାଭ, ପାରିବାରିକ ମତାନ୍ତର। ମଙ୍ଗଳ ଓ ବୁଧ- କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ। ଗୁରୁ ଓ ଶୁକ୍ର-ସନ୍ତାନଙ୍କ ସମସ୍ୟା। ଶନିବାର- ଦୂରସ୍ଥାନକୁ ଯାତ୍ରା, ପ୍ରତିଯୋଗିତାରେ ସଫଳତା।

**ସିଂହ**
ରବି ଓ ସୋମ- ନୂତନ ସମ୍ପର୍କ, ପଡ଼ୋଶୀଙ୍କ ବିବାଦ। ମଙ୍ଗଳ ଓ ବୁଧ- ସମାଲୋଚନା, ଭ୍ରମଣ ସୌଖ୍ୟ। ଗୁରୁ ଓ ଶୁକ୍ର-ଶତ୍ରୁର ସଭାସମିତିରେ ସମ୍ମାନ। ଶନିବାର- ପରିବାରରେ ମତପାର୍ଥକ୍ୟ।

**କନ୍ୟା**
ରବି ଓ ସୋମ- ଉତ୍ସାହିତ ହେବେ, ସ୍ୱାସ୍ଥ୍ୟହାନି। ମଙ୍ଗଳ ଓ ବୁଧ- ବିବାଦୀୟ ପରିସ୍ଥିତି, ଦ୍ରବ୍ୟ ନଷ୍ଟ। ଗୁରୁ ଓ ଶୁକ୍ର-କାର୍ଯ୍ୟରେ ବିଳମ୍ବ, ଶନିବାର- କାର୍ଯ୍ୟବ୍ୟସ୍ତତା, ପାରିବାରିକ ସହଯୋଗ।

**ତୁଳା**
ରବି ଓ ସୋମ- ଗୃହ ଜଞ୍ଜାଳ। ମଙ୍ଗଳ ଓ ବୁଧ-ସହକର୍ମୀଙ୍କ ବିରୋଧ, ପରିବହନରେ ଝଗଡା, ଗୁରୁ ଓ ଶୁକ୍ର-ନୂତନ ଯୋଜନା, କଳାପ୍ରିୟ ହେବେ,। ଶନିବାର- ପ୍ରଗତିରେ ବାଧା, ଅର୍ଥ ସଂକଟ, ଜମିଜମା ବିବାଦ।

**ବିଛା**
ରବି ଓ ସୋମ- ଯାତ୍ରା ସ୍ଥଗିତ, ଶାରୀରିକ ଅସୁସ୍ଥି। ମଙ୍ଗଳ ଓ ବୁଧ- ଅସମ୍ପୂର୍ଣ୍ଣ କାର୍ଯ୍ୟ, ଗବେଷଣାରୁ ପ୍ରଶଂସା। ଗୁରୁ ଓ ଶୁକ୍ର-ପରିସ୍ଥିତି ହାଲୁକା ହେବ, ବ୍ୟବସାୟିକ ଉନ୍ନତି। ଶନିବାର- ପଦମର୍ଯ୍ୟାଦା ବୃଦ୍ଧି, ଆଶା ଅନୁରୂପ ଫଳ।

**ଧନୁ**
ରବି ଓ ସୋମ -ଖୁସିର ଆସର, ନିର୍ମାଣ କାର୍ଯ୍ୟରେ ତତ୍ପରତା, ମଙ୍ଗଳ ଓ ବୁଧ-ସୁସମ୍ପର୍କ ବ୍ୟାହତ ହେବ, ଭୁଲ୍ କାମ କରିପାରନ୍ତି, ଗୁରୁ ଓ ଶୁକ୍ର- ପ୍ରଗତିର ଅଗ୍ରଗତି, ଆନୁଷଙ୍ଗିକ ସହଯୋଗ, ଅର୍ଥ ଓ ସମ୍ମାନ ଲାଭ। ଶନିବାର-ଯାନ୍ତ୍ରିକ ତ୍ରୁଟି, ମନସ୍ତାପ।

**ମକର**
ରବି ଓ ସୋମ-ମାନସିକ ସୁସ୍ଥତା, ଦୂରବସ୍ଥା ବଦଳିଯିବ, ସଭାସମିତି, ମଙ୍ଗଳ ଓ ବୁଧ- ଖର୍ଚ୍ଚାନ୍ତ ହେବେ, ପାରିବାରିକ ମତାନ୍ତର। ଗୁରୁ ଓ ଶୁକ୍ର- ବନ୍ଧୁଙ୍କ ଆକ୍ଷେପୋକ୍ତି। ଶନିବାର- କାର୍ଯ୍ୟସିଦ୍ଧି, ଅପରିଚିତାଙ୍କ ବଦାନ୍ୟତା।

**କୁମ୍ଭ**
ରବି ଓ ସୋମ- ମାନସିକ ପ୍ରଫୁଲ୍ଲତା, ଅପପ୍ରଚାର, ମଙ୍ଗଳ ଓ ବୁଧ- ଅସୁବିଧାରେ ପଡ଼ିପାରନ୍ତି, କରଜଦାତାଙ୍କ ଚାପ। ଗୁରୁ ଓ ଶୁକ୍ର- ମନୋବଳ ବୃଦ୍ଧି, ଶିକ୍ଷା ଓ ପରୀକ୍ଷାରେ ଉନ୍ନତି। ଶନିବାର- ଆରୋଗ୍ୟ ଲାଭ, ମାଲିମକଦ୍ଦମାରୁ ଚିନ୍ତା।

**ମୀନ**
ରବି ଓ ସୋମ- ଅଜୀର୍ଣ୍ଣ ପୀଡ଼ା, ଅହେତୁକ ଚିନ୍ତା, ଶୁଭଖବର ପ୍ରାପ୍ତି। ମଙ୍ଗଳ ଓ ବୁଧ-ଅର୍ଥଲାଭ, ସାମାଜିକ ସମ୍ମାନ, ପ୍ରତିଯୋଗିତାରେ ସଫଳତା, ଗୁରୁ ଓ ଶୁକ୍ର-ପାରିବାରିକ ସୌହାର୍ଦ୍ଦ୍ୟ, ଶନିବାର- ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ସହାୟତା ପାଇବେ।

# ଘରେ ଦରଜା ଏବଂ କବାଟ ଲଗାଉଥିଲେ

**ଘରେ ଦରଜା ଏବଂ କବାଟ ଲଗାଇବା ବେଳେ ଏହାର ବାସ୍ତୁ ଦିଗ ପ୍ରତି ମଧ୍ୟ ବିଶେଷ ଧ୍ୟାନଦେବା ଜରୁରୀ।**

* ଘରର ସର୍ବାଧିକ ଦରଜା ଏବଂ କବାଟ ମୁଖ୍ୟତଃ ଉତ୍ତର କିମ୍ବା ପୂର୍ବ ଦିଗକୁ ରହିବା ଆବଶ୍ୟକ।
* ଘରର ଦରଜା ଏବଂ କବାଟ ଯୁଗ୍ମସଂଖ୍ୟା ଯଥା-୨,



୪, ୬, ୮ ବିଶିଷ୍ଟ ହେବା ଜରୁରୀ।
* ଘରର ମୁଖ୍ୟ ଦ୍ୱାର ଅନ୍ୟ ଦ୍ୱାରଠାରୁ ଅପେକ୍ଷାକୃତ ବଡ ହେବା ଜରୁରୀ ଏବଂ ଏହି କବାଟଟି ଦୁଇଫାଳ ବିଶିଷ୍ଟ ହେବା ଆବଶ୍ୟକ।
* ଘରର ମୁଖ୍ୟଦ୍ୱାର କାନ୍ଥର ଠିକ ମଝିରେ ନ ରହି ଅଳ୍ପ ଦୂରତାରେ ରହିଲେ ଭଲ।
* ଦରଜା ଏବଂ କବାଟ ପାଇଁ ଏକା ପ୍ରକାର କାଠ ବ୍ୟବହାର କରିବା ଉଚିତ।
* ଦରଜା ଏବଂ କବାଟ ଆୟତାକାର ହେବା ଆବଶ୍ୟକ।
* ଆପେ ଆପେ ବନ୍ଦ ହୋଇଯାଉଥିବା କବାଟ ବା ଝରକାକୁ ଆଦୌ ଲଗାନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ।
* ଶବ୍ଦ ଉତ୍ପନ୍ନକାରୀ କବାଟ ବା ଝରକାକୁ ଯଥା ସମ୍ଭବ ମରାମତି କରନ୍ତୁ ।

# ପାଠକୀୟ

❖ଜିତିବାର ନିଶା ଓ ଆତ୍ମବିଶ୍ୱାସ ପାଇଁ ମଣିଷ ଯେ କୌଣସି ଅସମ୍ଭବକୁ ସମ୍ଭବ କରିପାରେ। ଯାହା କରି ଦେଖେଇଛନ୍ତି ଏହି ନିଆରା ମାରାଥନ୍ ଦୌଡାଳିମାନେ। ତେଣୁ 'ନିଆରା ମାରାଥନ୍ ରେକର୍ଡ'କୁ ନେଇ ପ୍ରସ୍ତୁତ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟିର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। 'ପ୍ଲାଷ୍ଟିକ୍‌ରେ କାରିଗରି', 'କିଭଳି ନେବେ ଠିକ୍ ନିଷ୍ପତ୍ତି' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଶିଖିବାକୁ ମିଳିଲା।

*-ପ୍ରତାପ ଷଡ଼ଙ୍ଗୀ, ଅଠରନଳା, ପୁରୀ*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ନିଆରା ମାରାଥନ୍ ରେକର୍ଡ'ରୁ କେତେଜଣ ରେକର୍ଡ ସୃଷ୍ଟିକାରୀ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ପଢି ଖୁସି ଲାଗିଲା। 'ଅଜବ ସ୍ଥାପତ୍ୟ' ପାଠଟିର ସମସ୍ତ ଫଟୋଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଦେବେଶ ରଞ୍ଜନଙ୍କ ବ୍ୟକ୍ତିଗତ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ ହେଉଥିବା ସମସ୍ତ ଗପ ଓ କବିତାଗୁଡ଼ିକ ମୋର ବହୁତ ପସନ୍ଦ।

*-ରାକେଶ ବରାଳ, ମଦନପୁର, କେନ୍ଦ୍ରାପଡା*

❖ସିନେମା ପୃଷ୍ଠାରେ ସ୍ଥାନିତ 'ମ୍ୟାରେଜ ଚକ୍କରରେ ସମରେଶ', 'ଆନନ୍ଦଙ୍କ ପ୍ରଶଂସାରେ ଶାହରୁଖ', 'ଭୟାଜୀ ଭରସା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ମନଲାଖି ହୋଇପାରିଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ଜଳବିଦ୍ୟୁତ୍ ନିଗମରେ ଡାଇରେକ୍ଟର ଅଫ୍ ଫାଇନାନ୍ସ ଭାବେ କାର୍ଯ୍ୟରତ ପ୍ରଭାକର ମହାନ୍ତିଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢିଲି, ଭଲ ଲାଗିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ହୃଦୟସ୍ପର୍ଶୀ ହୋଇପାରୁଛି।

*-ନିତ୍ୟାନନ୍ଦ ମହାନ୍ତି, ରାଣୀହାଟ, କଟକ*

❖ପେସାରେ ସେ ଜଣେ ମସ୍ତିଷ୍କ ରୋଗ ବିଶେଷଜ୍ଞ ହେଲେ ହେଁ ନିଶା ତାଙ୍କର ଗୋସେବା। ତେଣୁ ଏଭଳି ଏକ ନିଆରା ମଣିଷ ଡା. ନିତ୍ୟାନନ୍ଦ ପଟ୍ଟନାୟକଙ୍କ ସମ୍ପର୍କରେ ଅନେକ କଥା ଜାଣିବାକୁ ମିଳିଲା। ମୋନାଲିସା ଚିତ୍ରକୁ ନେଇ କିଛି ରୋଚକ କଥା ଜାଣିବାକୁ ମିଳିଲା ଏଥରର ଛୁଟିଦିନରୁ। ମଡେଲ୍ ମିରର୍‌ରେ ରିୟାନା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଳିଆ ଲାଗୁଛି।

*-ତମନ୍ନା ସିଂ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*

❖ସହର ପୃଷ୍ଠାରୁ 'ବାବା ବୁଦାନଗିରି' ସମ୍ପର୍କରେ ଅନେକ ନୂଆ ନୂଆ କଥା ଜାଣିବାକୁ ମିଳିଲା। ବିବିଧା ଓ ବ୍ୟାକ୍‌ପେଜ୍‌ର ପାଠଗୁଡ଼ିକ ପଢିବାକୁ ମୋତେ ବହୁତ ଭଲ ଲାଗେ। ସେହିପରି ମଞ୍ଜୁମାୟା ପୃଷ୍ଠାଟି ବି ଆକର୍ଷଣୀୟ ହୋଇପାରୁଛି।

*-ରୋହନ ସ୍ୱାଇଁ, ଯାଜପୁର*

## ବିଶେଷ ଚିଠି




ଶନିରାତି ଗଲେ ପାହି
ମନ ହୁଏ ହାଇଁ ପାଇଁ
ଛୁଟିଦିନ ଖଣ୍ଡେ ହାତକୁ ଆସିଲେ
ମନ ତୋଷ ହେବ ଯାଇଁ।
ଦେଶବିଦେଶ ଖବର
ପ୍ରଚ୍ଛଦ ପ୍ରସଙ୍ଗର ଗୁମର
ସାହିତ୍ୟ ସୃଜନ ବିଜ୍ଞାନ ବାରତା
ଚଳଚ୍ଚିତ୍ର ସମାଚାର।
ଭ୍ରମଣର ବିବରଣୀ
ହାଃ ହାଃ ହସ କଥା ପୁଣି
ଆହା କି ସୁନ୍ଦର ବ୍ୟାକ୍‌ପେଜ୍
ଚିତ୍ତକୁ ହରଇ ପୁଣି।

*-ସ୍ୱର୍ଣ୍ଣବାଳା ନାୟକ, ସତ୍ୟନଗର, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# କତା କାରିଗରି

**ଦିନ ଥିଲା ନଡ଼ିଆକତାକୁ କେବଳ ଜାଳେଣି ରୂପେ ବ୍ୟବହାର କରାଯାଉଥିଲା। ଏବେ କାରିଗରମାନେ ନଡ଼ିଆକତାରେ ବିଭିନ୍ନ କଳାକୃତିକରି ଜୀବିକା ନିର୍ବାହ କରିପାରୁଛନ୍ତି। ଏହା କେବଳ ଓଡ଼ିଶା ଭିତରେ ସୀମିତ ନ ହୋଇ ପହଞ୍ଚିଛି ସାରା ବିଶ୍ୱରେ...**





ମାର୍ଗଶିର ମାସ। ମଧ୍ୟାହ୍ନ ସମୟରେ ଶୀତୁଆ ପାଗରେ ଟାଣଖରା ଅଳସ ଭାଙ୍ଗୁଥାଏ। ୧୬ ନମ୍ବର ଜାତୀୟ ରାଜପଥର ରାମେଶ୍ୱର ଛକଠାରୁ ନୂଆ ଜଗନ୍ନାଥ ସଡ଼କରେ ନିରାକାରପୁର ଦେଇ ଯିବାବେଳେ ରାସ୍ତାର ଦୁଇକଡ଼ରେ ଥିବା ଧାନବିଲରେ କ୍ଷେତ ଅମଳ ପାଇଁ ନିମଗ୍ନ ଥାନ୍ତି କେତେଜଣ ମହିଳା ଓ ପୁରୁଷ ଧାନକଟାଳି । ସୁକଳ ଠାରୁ ବାମପଟକୁ ଲମ୍ବିଥିବା ଅଳଗୁମ୍ ଗାଁ ରାସ୍ତାରେ କିଛି ଦୂର ଗଲାପରେ ପଡ଼ିଲା ନୂଆ ସୋମେଶ୍ୱରପୁର ଗାଁ । ସାହିରାସ୍ତାର ଘର ସମ୍ମୁଖରେ ଲାଗିଥାଏ ଧାଡ଼ି ଧାଡ଼ି ନଡ଼ିଆ ଓ ଗୁଆଗଛ। ଆଉ କେତେକ ଘର ସମ୍ମୁଖରେ ବନ୍ଧାହୋଇଥାନ୍ତି କିଛି ଗୋରୁ। ପୁଣି ସାହି ରାସ୍ତା ଉପରେ କେହି କେହି ବି ଧାନ ଅମଳ ଉଦ୍ଦେଶ୍ୟରେ ଧାନକଳେଇକୁ ବିଛେଇ ପକାଇଥାନ୍ତି। ଗାଁ ଦୋଳ ମଣ୍ଡପରେ କେତେଜଣ ବୟସ୍କ ବ୍ୟକ୍ତି ତାସଖେଳରେ ମଜ୍ଜିଯାଇଥାନ୍ତି। ସେଠାରେ କିଛି ସମୟ ଅଟକିଯାଇ ପଚାରି ବୁଝିଥିଲୁ ସାକ୍ଷୀଗୋପାଳ ଯିବାକୁ ରାସ୍ତା । ପରେ ଏକ କେନାଲବନ୍ଧ ରାସ୍ତାରେ ପ୍ରାୟ କିଛି ଦୂର ଯିବା ପରେ ଯାଇ ପହଞ୍ଚି ସାରିଥିଲୁ ବକୁଳବନର ସ୍ମୃତି ପୀଠରେ। ଏହି ପୁଣ୍ୟପୀଠର ଐତିହ୍ୟ, କୀର୍ତ୍ତିରାଜିକୁ ସ୍ମରଣକରି ବାହାରି ପଡ଼ିଥିଲୁ ମହାପ୍ରଭୁ ସାକ୍ଷୀଗୋପୀନାଥଙ୍କ ଦର୍ଶନ ନିମନ୍ତେ। ଏହାପରେ ଆମ ଅଭିଳାଷିତ ଗାଁ ଅଭିମୁଖେ ଯାଇ ପହଞ୍ଚି ସାରିଥିଲୁ ନିକଟସ୍ଥ ପଣସପାଟଣା ଗାଁରେ । ସାହି ଭିତରେ ପ୍ରବେଶ ମାତ୍ରେ ଦୃଷ୍ଟି ଗୋଚର ହୁଏ ନଡ଼ିଆ ଓ ଗୁଆଗଛ ଘେରା ସବୁଜିମାଭରା ପଲ୍ଲୀପ୍ରକୃତିର ନିଆରା ଏକ ରୂପବଣ୍ଟାଳୀ। ଏଠାରେ ପହଞ୍ଚିଲା ବେଳକୁ ଗାଁର ଲୋକମାନେ ଥିଲେ ଚଳଚଞ୍ଚଳ । ସାହିରେ ପ୍ରଥମେ ଆମେ ଭେଟ ହୋଇଥିଲୁ କତାହସ୍ତଶିଳ୍ପ କାରିଗର ସୌଦାମିନୀ ଦଳାଇଙ୍କୁ । ଏହି କାରିଗରଙ୍କ ଘରେ ଆମର ନଜର ପଡ଼ିଲା କତାରେ ପ୍ରସ୍ତୁତ ହୋଇ ରହିଥିବା କତାର ବିଭିନ୍ନ କଳାକୃତି। ଆମେ ଆସିବାର କାରଣ ଜାଣି ସେ ବେଶ୍ ଖୁସୀ ହୋଇପଡ଼ିଥିଲେ ଏବଂ ଆଉ କିଛି କଳାକୃତିକୁ ଆଣି ଆମ ସମ୍ମୁଖରେ ସଜାଇ ରଖିଲେ। ସେ କୁହନ୍ତି, ଏହି କତାଶିଳ୍ପ କଳା କାରିଗରି କାମ ଆଜକୁ ପ୍ରାୟ୨୬ବର୍ଷ ଧରି କରିଆସୁଛି । ଏଥିରେ କତାର ବିଭିନ୍ନ ଖେଳନାଠାରୁ ଆରମ୍ଭକରି ଘର ସାଜସଜ୍ଜା ବି କରିଥାଏ। ଏମିତିରେ ମାସକୁ ପ୍ରାୟ ୭/୮ହଜାର ଟଙ୍କା ରୋଜଗାର ହୋଇଥାଏ। ମୋ ସହିତ ଆଉ କେତେଜଣ ମହିଳା ବି ଏହି କାମ କରିଥାନ୍ତି। ଏହି ହସ୍ତକଳାର ସାମଗ୍ରୀ ବିକ୍ରି ପାଇଁ ବିଶେଷକରି ଦିଲ୍ଲୀର ପ୍ରଗତି ମଇଦାନ, କଟକ ବାଲିଯାତ୍ରା ଏବଂ ତୋଷାଳି ମେଳାକୁ ନେଇଥାଉ। ଅନ୍ୟପକ୍ଷେ ଶୀତଦିନରେ ଏହି ଅଞ୍ଚଳକୁ ଆସୁଥିବା ପର୍ଯ୍ୟଟକମାନେ କତାର ବିଭିନ୍ନ ଖେଳନା କିଣି ନେଇଥାନ୍ତି। ଏହା ପରେ ଆମେ ଯାଇ ପହଞ୍ଚିଥିଲୁ ସାକ୍ଷୀଗୋପାଳ ଗେଟ୍‌ବଜାର ନିକଟରେ ଏକ ଭଡ଼ାଘରେ ଚାଲୁଥିବା କତାର କଳାକୃତି ତାଲିମ କେନ୍ଦ୍ରଠାରେ। ଏହି ତାଲିମ କେନ୍ଦ୍ର ସମ୍ପର୍କରେ ଡଲି ଦାସ କୁହନ୍ତି, ଏଠାରେ ନଡ଼ିଆକତା କଳାକୃତି ଶିକ୍ଷା ଲାଭକରୁଥିବା ହାତଗଣତି ମାତ୍ର ୬ଜଣ ଝିଅ କତାରେ ବିଭିନ୍ନ ଖେଳନା ତିଆରିକରି ନିଜସ୍ୱ ରୋଜଗାର କରିଥାନ୍ତି। ମୁଁ ପ୍ରାୟ ୧୮ବର୍ଷଧରି ଏହି କାମ କରିଆସୁଛି। ପ୍ରାୟ୧୦ଟଙ୍କାରୁ ୩ହଜାର ଟଙ୍କା ପର୍ଯ୍ୟନ୍ତ କତାର ଖେଳନା ବିକ୍ରି ହୋଇଥାଏ। ଅଧିକାଂଶ ବେପାରୀମାନେ ଏଠାରୁ ଏହି କଳାକୃତିକୁ କିଣି ନେଇଥାନ୍ତି। ଏବେ ଓଡ଼ିଶା ହସ୍ତଶିଳ୍ପ ମହାସଂଘ ସାକ୍ଷୀଗୋପାଳ ଶାଖାର ସଭାପତି ଭାବେ ଦାୟିତ୍ୱ ତୁଲାଉଛି। ପୂର୍ବରୁ କେରଳ ଯାଇ ସେଠାରୁ ପାପୋଛ ଓ ଗାଲିଚା ବୁଣା ଶିଖିଛି। କତା କାମ ଯୋଗୁ ମୋର ମାସିକ ପ୍ରାୟ ୧୫/୧୬ ହଜାର ଲାଭ ହୋଇଥାଏ। ସେହିପରି ପୁରୀରେ ରହୁଥିବା ହରିହର ବାନାର୍ଜୀ କୁହନ୍ତି, ଆଜକୁ ପ୍ରାୟ ୩୦ବର୍ଷ ଧରି ଏହି କତା କାରିଗରି କାମ କରିଆସୁଛି। ଏପରି କି ୩୫ଟି ସ୍ଥାନରେ ଏହି କତାକାରିଗରି କଳାକୃତି ସମ୍ପର୍କରେ ତାଲିମ ଶିବିର କରି କେତେଜଣଙ୍କୁ ଶିକ୍ଷା ମଧ୍ୟ ଦେଇଛି। ସେମାନେ ଘରୋଇ ଭାବେ ଏହି କଳା କାରିଗରି କାମକରି କିଛି ରୋଜଗାରକ୍ଷମ ହୋଇ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଓଡ଼ିଶାରେ ଏହି କତା କାରିଗରି ହସ୍ତଶିଳ୍ପର ଚାହିଦା ବି ରହିଛି। ବିଭିନ୍ନ ସ୍ଥାନରେ ପଡୁଥିବା ମେଳା ମହୋତ୍ସବକୁ ଆମ ହାତ ତିଆରି କତାର ବିଭିନ୍ନ ଖେଳନା ବିକ୍ରିପାଇଁ ଯାଇଥାଏ। ପ୍ରାୟ୧୦ଟଙ୍କା ଠାରୁ ଆରମ୍ଭ କରି ୪ହଜାର ଟଙ୍କା ଯାଏ କତାର ବିଭିନ୍ନ କଳାକୃତି ରହିଛି। ଏହା ବ୍ୟତୀତ ଆହୁରି କେତେକ ଗାଁରେ ଏହି ଶିଳ୍ପର କାରିଗର ରହିଛନ୍ତି। ତେବେ ଏହି କଳାକାରିଗରି ପ୍ରସ୍ତୁତିଠାରୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ରହିଛି।

## ପୁରୀରେ କତା କଣ୍ଢେଇ

୧୯୮୪ରେ ପୁରୀରେ କତା କଣ୍ଢେଇ ବସ୍ତୁତଃ ଜନ୍ମ ନେଇଥିଲା । ଏହା ପୂର୍ବରୁ ଜିଲାର ବିଭିନ୍ନ ସ୍ଥାନରେ କତା ରଶି ଏବଂ ପାପୋଛ ତିଆରି କରାଯାଉଥିଲେ ମଧ କତା କଣ୍ଢେଇ ଶିଳ୍ପ ଆରମ୍ଭ ହୋଇ ନ ଥିଲା। ୧୯୮୮ରେ ପଞ୍ଜୀକୃତ ପୁରୀ କ୍ରିଏଟିଭ ହାଣ୍ଡିକ୍ରାଫ୍ଟ ସମବାୟ ସମିତି ପ୍ରୋତ୍ସାହନରେ କତା କଣ୍ଢେଇ ଶିଳ୍ପର ପ୍ରଥମ କାରିଗର ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଭାରତ ଭୂଷଣ ପରିଡ଼ା କତା ତନ୍ତୁରେ ସୂତା ଗୁଡେଇ ବିଭିନ୍ନ ପ୍ରକାର ରୂପ ସୃଷ୍ଟି କରିଥିଲେ । ପ୍ରାଥମିକ ସ୍ତରରେ କେବଳ ସୃଜନାତ୍ମକ ରୂପଗୁଡ଼ିଏ କରାଯାଇଥିବାରୁ ଏହାର ବ୍ୟବସାୟିକ ମାନକ ନିର୍ଦ୍ଧାରିତ ହୋଇପାରି ନ ଥିଲା । ୧୯୮୪ ପରଠାରୁ ଏହା କ୍ରମଶଃ ବିକଶିତ ହେବାକୁ ଲାଗିଲା । ୧୯୮୬ରେ ପୁରୀ ସମୁଦ୍ରକୂଳରେ ଥିବା ପାନ୍ଥଭବନ ପରିସରରେ ଏକ କ୍ଷୁଦ୍ର ସ୍ୱତନ୍ତ୍ର ପ୍ରଦର୍ଶନୀରେ କେବଳ କତା କଣ୍ଢେଇ ପ୍ରଦର୍ଶିତ ହୋଇଥିଲା । ଓଡ଼ିଶା ହସ୍ତଶିଳ୍ପ ସମବାୟ ନିଗମର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଦାସ ଏହି ଅଭିନବ ଶିଳ୍ପକଳାରେ ବିମୋହିତ ହୋଇ ପ୍ରଥମେ ପରୀକ୍ଷାମୂଳକ ଭାବେ କିଛି ନମୁନାର ବରାଦ ଦେଇଥିଲେ । ସେହି ପ୍ରଥମ ବରାଦ ପ୍ରାଥମିକ ସ୍ତରରେ କାରିଗରଙ୍କୁ ଯଥେଷ୍ଟ ଉତ୍ସାହିତ କରିଥିଲା । ୧୯୮୬ରେ ପୁରୀ ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ କତା କଣ୍ଢେଇ ଶିଳ୍ପର ସର୍ବପ୍ରଥମ ତାଲିମ ଶିବିର ଆରମ୍ଭ କରାଯାଇଥିଲା । ଏଥିରେ ୧୦ଜଣ ତରୁଣ କାରିଗର ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଅଧୀନରେ ତାଲିମ ନେଲେ । ଧୀରେ







ଧୀରେ ପୁରୀରେ କତା କଣ୍ଢେଇ ଶିଳ୍ପ କାରଗରଙ୍କ ସଂଖ୍ୟା ବୃଦ୍ଧି ପାଇଲା । ସେତେବେଳେ ସମିତିରେ ତିଆରି କରାଯାଉଥିଲେ ମଧ୍ୟ ବର୍ତ୍ତମାନ ଅନ୍ୟ ସ୍ଥାନରେ ତିଆରି ହୋଇ ଗାଁଗଣ୍ଡାର ଅନେକ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି । ୧୯୯୨-୯୩ରେ କେନ୍ଦ୍ର ସରକାରଙ୍କ ନୋରଡା ଯୋଜନାରେ ପୁରୀରେ ମହିଳାଙ୍କୁ ନେଇ କତା କଣ୍ଢେଇ ଶିଳ୍ପରେ ତାଲିମ ଶିବିର କରାଯାଇଥିଲା । ଏହାପରେ ୧୯୯୫-୯୬ରେ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ନୂଆଦିଲ୍ଲୀଙ୍କ ସୌଜନ୍ୟରୁ ଏକ ତାଲିମ ଶିବିର ପୁରୀ ନିକଟ ବାଟଗାଁସ୍ଥିତ ହସ୍ତକଳା ବିକାଶ କେନ୍ଦ୍ରଠାରେ କରାଯାଇଥିଲା । ଏପରି ପ୍ରୋତ୍ସାହନ ସତ୍ତ୍ୱେ କତା କଣ୍ଢେଇ ଶିଳ୍ପର ଏକ ନିୟମିତ ବଜାର ବ୍ୟବସ୍ଥା ସ୍ଥିରୀକୃତ ହୋଇପାରି ନ ଥିଲା । ୧୯୯୪-୯୫ରେ ପୂର୍ଣ୍ଣଚନ୍ଦ୍ର ମିଶ୍ର ସାତଶଙ୍ଖର ଅନୀଲ କୟର ଇଣ୍ଡଷ୍ଟ୍ରିଜର ନିରମଣୀ ସାହୁଙ୍କ ଅନୁରୋଧକ୍ରମେ କିଛିଦିନ ସେଠାକୁ ଯାଇ ପ୍ରଥମେ କତା କଣ୍ଢେଇ କାମ ଶିକ୍ଷା ଦେଇଥିଲେ । ଏହାପରେ ସେଠାରେ ଉକ୍ତ ଶିଳ୍ପ ଗଢିଉଠିଥିଲା । ସେଥିରୁ ଶାଖା ପ୍ରଶାଖା ମେଲି ବର୍ତ୍ତମାନ ଏହା ମହାଦ୍ରୁମରେ ପରିଣତ ହେଲାଣି । ସାତଶଙ୍ଖ ସହିତ ଚନ୍ଦନପୁର, କାଦୁଆ, ସାକ୍ଷୀଗୋପାଳ ପ୍ରଭୃତି ସ୍ଥାନରେ ଅନେକ ମହିଳା କତା କଣ୍ଢେଇ ଶିଳ୍ପକୁ ଆଦରି ରୋଜଗାରକ୍ଷମ ହୋଇପାରିଛନ୍ତି । ପୁରୀ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୧୦୦ କାରିଗର ଏହି କତା କଣ୍ଢେଇ କାମକୁ ରୋଜଗାରର ମୁଖ୍ୟ ପନ୍ଥା ଭାବେ ଗ୍ରହଣ କରିଛନ୍ତି ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଦାମଗୁଡ଼ିକରେ ନଡ଼ିଆରୁ କତା ବାହାରକରି ନଡ଼ିଆ ବିକ୍ରୟ କରାଯାଇଥାଏ। ଗୋଦାମରୁ କତାଗୁଡ଼ିକ ସଂଗ୍ରହକରି କତାପାରୁ ବା ତନ୍ତୁ ପ୍ରସ୍ତୁତ କରିବା ନିମନ୍ତେ କତାପାରୁ ଉତ୍ପାଦନ କେନ୍ଦ୍ର ରହିଛି। ଅନ୍ୟପକ୍ଷେ ଗଛରୁ ତୋଳାଯାଉଥିବା ନଡ଼ିଆକୁ ଶୁଖାଯାଇ କିମ୍ବା ଶୁଖିଲା ନଡ଼ିଆକୁ ମେଶିନ ଦ୍ୱାରା କିମ୍ବା ହାତରେ କତା ଛଡ଼ାଇ ରଖାଯାଇଥାଏ। ଏହାପରେ ନଡ଼ିଆକତାକୁ କିଛିଦିନ ପାଣିରେ ଭିଜାଇ ଏକ କାଠ ପାହାରାଣିରେ ବାଡ଼େଇ ତାକୁ ପରିଷ୍କାର କରି ସେଥିରୁ ତନ୍ତୁ ବାହାର କରାଯାଇଥାଏ। ଏହି ତନ୍ତୁକୁ ପାରୁ କୁହାଯାଇଥାଏ। ପ୍ରଥମେ କତାକୁ ଦୁଇରୁ ତିନିଦିନ ପାଣିରେ ଭିଜାଇବା ପରେ କ୍ରଶରରେ ବାଡେଇ ନରମ କରାଯାଏ। ତନ୍ତୁ ପ୍ରସ୍ତୁତ ମେଶିନରେ କତା ପକାଇବା ପରେ ସେଥିରୁ କତା ପାରୁ ଓ କତାଗୁଣ୍ଡ ଅଲଗା ଅଲଗା ବାହାରିଥାଏ। ପରେ କତା ହସ୍ତଶିଳ୍ପ ସାମଗ୍ରୀ ପାଇଁ ବଣ୍ଡଲ କରାଯାଇ କୁଇଣ୍ଟାଲ ଦରରେ ବିକ୍ରି କରାଯାଇଥାଏ। ତନ୍ତୁ ଆଣିବା ପରେ ଯଦି ନରମ ଥାଏ ତେବେ ଏହାକୁ ଖରାରେ ଶୁଖାଇଥାନ୍ତି । ଏହାକୁ ଭିଣି ସାଇଜ କରିବା ପରେ ସେଥିରେ ସୂତାଗୁଡ଼ାଇ ବିଭିନ୍ନ ରୂପ ତିଆରି କରାଯାଏ । ଆବଶ୍ୟକ ଅନୁଯାୟୀ ପରସ୍ତ ପରସ୍ତ କତା ଦିଆଯାଇ ମୋଟା କରାଯାଏ । କୌଣସି ଏକରୂପ ଶେଷହେବାପରେ ଫେଭିକଲଅଠା ପାଣିରେ ବୁଡାଯାଇ ଶୁଖାଯାଏ । ଯଦି ଦରକାର ପଡ଼େ ତେବେ ସେଥିରେ ରଙ୍ଗ ମଧ୍ୟ ଦିଆଯାଇଥାଏ । ଏମିତି କିଛି କାମ ଅଛି ଯେଉଁଥିରେ ଆଗୁଆ ତନ୍ତୁରେ ରଙ୍ଗ ଦିଆଯାଇ ଶୁଖିଗଲା ପରେ ବିଭିନ୍ନ ପ୍ରକାର ରୂପ ତିଆରି କରାଯାଏ । ପରେ କାରିଗର ବା ଶିଳ୍ପୀ ନିଜ ମନରେ ଯେଉଁ ଚିତ୍ର କରିବାର ଭାବନା ରଖିଥାଏ ତା'ର ଏକ ନମୁନାକୁ କତାରେ ପ୍ରସ୍ତୁତ କରାଯାଇଥାଏ। ତା'ପରେ ପୂର୍ଣ୍ଣାଙ୍ଗ ରୂପ ହେବା ଯାଏ ସେହି କଳାକୃତିକୁ ସୁସଜିତ କରି ସୁନ୍ଦର ଦିଶିବା ପାଇଁ ଆବଶ୍ୟକ ସ୍ଥଳେ ରଙ୍ଗବେରଙ୍ଗ କତା ଓ ସୂତାର ସାହାଯ୍ୟରେ ବିଭିନ୍ନ ଡିଜାଇନ୍‌ର କୋଟିକମ କରାଯାଇ କଳାକୃତିଟି ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଥାଏ। ଅନ୍ୟପକ୍ଷେ ବିଦ୍ୟୁତ୍ ଚାଳିତ ଯନ୍ତ୍ରାଂଶରେ ସରଳ, ସହଜ ଓ ଉତ୍କୃଷ୍ଟମାନର କତାପାରୁ ପ୍ରସ୍ତୁତ କରାଯିବା ଫଳରେ କତା ହସ୍ତଶିଳ୍ପ ଅଧିକ ଆକର୍ଷଣୀୟ ହୋଇପାରଛି। ଘରେ ଘରେ କତାଶିଳ୍ପ ସାମଗ୍ରୀର ଚାହିଦା ବୃଦ୍ଧି ପାଇ ରାଜ୍ୟ ତଥା ରାଜ୍ୟ ବାହାରେ ଏହାର ବେଶ୍ କାରବାର ହୋଇପାରୁଛି।

ପୁରୀ କ୍ରିଏଟିଭ ହାଣ୍ଡିକ୍ରାଫ୍ଟ ସମବାୟ ସମିତିର ଦେବୀପ୍ରସନ୍ନ ନନ୍ଦ କୁହନ୍ତି, ବର୍ତ୍ତମାନ ଏହି ତନ୍ତୁ କି.ଗ୍ରା. ପ୍ରତି ଦାମ୍ ରହିଛି ପ୍ରାୟ ୩୦ ଟଙ୍କା। କିନ୍ତୁ ୧୯୮୪ ମସିହାରେ ଏହି ତନ୍ତୁ କି.ଗ୍ରା. ପ୍ରତି ୫/୬ ଟଙ୍କାରେ ମିଳୁଥିବା ବେଳେ ବର୍ତ୍ତମାନ ଏହାର ଦାମ୍ ବହୁଗୁଣ ହୋଇଯାଇଛି ।

**କତାର କଳାକୃତି:** ନଡ଼ିଆକତାରେ ପ୍ରସ୍ତୁତ କଳାକୃତି ପାଇଁ ମୁଖ୍ୟ କଞ୍ଚାମାଲ ହେଉଛି କତାର ତନ୍ତୁ । କତା ପାରୁରେ ବିଭିନ୍ନ ରଶି ହସ୍ତ ଓ ବିଦ୍ୟୁତ୍ ଚାଳିତ ଚରଖା ସାହାଯ୍ୟରେ ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରୟ କରାଯାଉଛି। କତାପାରୁକୁ ନାଲି, ନେଳି, ବାଇଗଣି, ହଳଦିଆ, ଗୋଲାପି ଓ ଆକାଶି ଆଦି ରାସାୟନିକ ରଙ୍ଗକୁ ଗରମ ପାଣିରେ ମିଶାଇ ନିର୍ଦ୍ଧାରିତ ଅନୁପାତ ଓ ସମୟ ପର୍ଯ୍ୟନ୍ତ ଶିଝାଇ ଛାଇ ସ୍ଥାନରେ ଶୁଖାଇ ବ୍ୟବହାର ଉପଯୋଗୀ କରାଯାଇଥାଏ। ବିଭିନ୍ନ ପ୍ରକାରର ବ୍ରସ୍, ପାପୋଛ ପ୍ରସ୍ତୁତି ନିମନ୍ତେ ଗାଲିଚା ସହିତ ଘର ସଜାଇବା ନିମନ୍ତେ କତାର କଣ୍ଢେଇ ତିଆରି କରାଯାଉଛି। କାରିଗରମାନେ କଇଁଚ, କୁମ୍ଭୀର, ମାଛ, ମୟୂର, ବାଘ, ସିଂହ, ଡ୍ରାଗନ, କୁକୁଡ଼ା, ହାତୀ, ଘୋଡ଼ା, ମାଙ୍କଡ଼, ନଡ଼ିଆ ଗଛ, କଦଳୀଗଛ, ବରଗଛ, ବ୍ୟାଗ୍, ମନିପର୍ସ, ପେନ୍‌ଷ୍ଟାଣ୍ଡ, ଘର, ବାଇଚଢ଼େଇ ବସା ତାଜମହଲ, ଦେବଦେବୀଙ୍କ ମୂର୍ତ୍ତିଭାବେ ଗଣେଶ, ଲକ୍ଷ୍ମୀ, ନାଗା, ଶ୍ରୀଜଗନ୍ନାଥ, କାଳୀ, ଇତ୍ୟାଦ ମୂର୍ତ୍ତି, ତିଆରି ନିମନ୍ତେ ଆବଶ୍ୟକ ସାମଗ୍ରୀ ମଧ୍ୟରେ କତାପାରୁ, ଉଲ୍, ସୂତା, ଅଠା, ତୁଳା, ଚୁମୁକି, ମାଳି ସହିତ ବିଭିନ୍ନ ପ୍ରକାର ରଙ୍ଗ ପାରୁ ବ୍ୟବହାର କରିଥାନ୍ତି। ଏହାବ୍ୟତୀତ ଏବେ ଆକର୍ଷଣୀୟ ଅଳଙ୍କାର ବି ପ୍ରସ୍ତୁତ ହେଲାଣି । କତା ତିଆରି ଅଳଙ୍କାର ମଧ୍ୟରେ ହାର, କାନଫୁଲ, ଚୁଡ଼ି ଆଦି କତା ସାମଗ୍ରୀ ପାଇଁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଥାଏ। ସାତଶଙ୍ଖର ସଞ୍ଜୁକ୍ତା ନାମ୍ନୀ ଜଣେ ମହିଳା ଏହିସବୁ ଅଳଙ୍କାର ତିଆରି କରୁଛନ୍ତି। ଦିଲ୍ଲୀର କାରୁ ନାମକ ଏକ ସଂଗଠନ ଏହାର ବିକାଶ ଦିଗରେ ହାତ ବଢ଼ାଇଛି।

**କାରିଗରଙ୍କ ଗାଁ:** ନଡ଼ିଆକତାରେ ପ୍ରସ୍ତୁତ ହସ୍ତଶିଳ୍ପ କାରୁକାର୍ଯ୍ୟର କାରିଗରମାନେ ପୁରୀ ଜିଲାର ସାକ୍ଷୀଗୋପାଳ, ନିମାପଡ଼ା, ସାତଶଙ୍ଖ, କୋଣାକ, ପୁରୀ ସଦର ବ୍ଲକର ଚନ୍ଦନପୁର, ଜଳକବର, ଜାନକୀଦେଇପୁର, ମାଳତୀ ପାଟପୁର, ବ୍ରହ୍ମଗିରି ବ୍ଲକର ଖଜୁରିଆ ସମେତ ବିଭିନ୍ନ ଗାଁରେ ଏହି କତାକଣ୍ଢେଇ ତିଆରି ହେଉଥିବାର ଦେଖିବାକୁ ମିଳେ। ପୁରୀ ଜିଲାର ଗୋପ ବ୍ଲକରେ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀରେ ପ୍ରାୟ ୫୦୦ଜଣ ମହିଳା ଏହି ନଡ଼ିଆ କତା କାରିଗର କାମ କରୁଛନ୍ତି। ଏମାନେ ଘରକାମ ବାଦ୍ ତାଙ୍କ ଅବସର ସମୟରେ ଏହି କାମ କରିଥାଆନ୍ତି ; ଯେଉଁଥିରେ ତାଙ୍କର ମାସକ ୧୫-୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ ହୋଇଥାଏ। ନଡ଼ିଆକତାରେ ବିଭିନ୍ନ କଳାକୃତିକରି ଏହି ଅଞ୍ଚଳର କାରିଗରମାନେ ନିଜର ଜୀବିକା ନିର୍ବାହ କରିଥାନ୍ତି । ଏମାନଙ୍କ ମଧ୍ୟରେ ଅଧିକାଂଶ ମହିଳା କାରିଗର । ପୁରୀ ଏବଂ ଏହାର ଆଖାପାଖ ଅଞ୍ଚଳରେ ପ୍ରାୟ ଶତାଧିକ କାରିଗର ଏହି କତା କଣ୍ଢେଇ କାମକୁ ରୋଜଗାରର ମୁଖ୍ୟ ପନ୍ଥା ଭାବେ ଗ୍ରହଣ କରିଛନ୍ତି। ସାକ୍ଷୀଗୋପାଳ ନିକଟବର୍ତ୍ତୀ ସାତଶଙ୍ଖ, ତେଇଶିପୁର, ବୀରପ୍ରତାପପୁର, ରଘୁରାଜପୁର, ବୀରହରେକୃଷ୍ଣପୁର, ପ୍ରତାପ ପୁରୁଷୋତ୍ତମପୁର, ଅଳଗୁମ, ରାୟଚକ୍ରଧରପୁର, କାଦୁଆ, ଶ୍ରୀରାମଚନ୍ଦ୍ରପୁର, ବୀରଗୋବିନ୍ଦପୁର, ବଳପୁର, ବୀରରାମଚନ୍ଦ୍ରପୁର, ପଣସପାଟଣା, ଗେଟ୍ ବଜାର, ମଠସାହି, ମହାମୟୀସାହି, ବିଶ୍ୱନାଥପୁର, ପାଣିଭଣ୍ଡାର, ବରାଳ, ଚଣାଗୋରଡ଼ା, ବଣିଆସାହି, ବାସୁକେରା ଆଦି ଗ୍ରାମରେ କତା ହସ୍ତଶିଳ୍ପ କୁଟୀର ଶିଳ୍ପ ଭାବରେ ଗଢ଼ି ଉଠିଛି।

**ବିକ୍ରି ବ୍ୟବସ୍ଥା:** ମୁଖ୍ୟତଃ କତା କଣ୍ଢେଇ ବିଭିନ୍ନ ପ୍ରଦର୍ଶନୀ, ମେଳାରେ ବିକ୍ରି କରାଯାଇଥାଏ । ରାଜ୍ୟ ଭିତରେ ହେଉଥିବା ବିଭିନ୍ନ ମହୋତ୍ସବରେ ମଧ୍ୟ ଏହା ବିକ୍ରି ହେଉଥିବା ଦେଖିବାକୁ ମିଳେ । ଓଡ଼ିଶାର ଏହି କତା କଣ୍ଢେଇ ଶିଳ୍ପ ଏବେ ଆଉ ଆମ ରାଜ୍ୟ ଭିତରେ ସୀମିତ ନାହିଁ । ରାଜ୍ୟ ବାହାରକୁ ରପ୍ତାନୀ ଏବଂ ବିକ୍ରି ପାଇଁ ଯାଉଛି । ଭୁବନେଶ୍ୱରର ତୋଷାଳୀ ହସ୍ତଶିଳ୍ପ ମେଳା, ଆଦିବାସୀ ମେଳା, ସରସ ମେଳା, ପୁରୀର ପଲ୍ଲିଶ୍ରୀ ମେଳା, କ୍ରାଫ୍ଟସ ବଜାର, କୃଷିମେଳା, ବେଳାଭୂମିରେ ବିଭିନ୍ନ ସମୟରେ ଅନୁଷ୍ଠିତ ମହୋତ୍ସବ, କଟକ ବାଲିଯାତ୍ରା, ଢେଙ୍କାନାଳ ଲକ୍ଷ୍ମୀପୂଜା, ଅନୁଗୋଳ ବିଶ୍ୱକର୍ମା ପୂଜା, ପାରାଦୀପ ବାଲିଯାତ୍ରା, କୋରାପୁଟର ମଣ୍ଡେଇ, କଳାହାଣ୍ଡିର ପରବ, ସମ୍ବଲପୁରର ଶୀତଳଷଷ୍ଠୀ ପ୍ରଭୃତି ସ୍ଥାନକୁ କାରିଗରମାନେ କତା କଣ୍ଢେଇ ନେଇ ବିକ୍ରି କରିଥାନ୍ତି । ଏହାବ୍ୟତୀତ କାରିଗରଙ୍କୁ ଅର୍ଡର ଦେଇ ସେମାନଙ୍କଠାରୁ ଏହାକୁ କିଣି ଅନ୍ୟମାନେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ରିବଟା କରୁଛନ୍ତି । ପୁରୀ ବଡ଼ଦାଣ୍ଡ, ବେଳାଭୂମି ମାର୍ଗ, କୋଣାର୍କ ହସ୍ତଶିଳ୍ପ ବଜାର ସମେତ ଭୁବନେଶ୍ୱର ଏକାମ୍ର ହାଟରେ ଏହା ଦୈନନ୍ଦିନ ଉପଲବ୍ଧ ହୋଇଥାଏ । ସେହିପରି ଦିଲ୍ଲୀରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ମଧ୍ୟ ଓଡ଼ିଶାର କତା କଣ୍ଢେଇ ବିକ୍ରି କରାଯାଏ ।

ସର୍ବଭାରତୀୟ ସ୍ତରରେ କତାଶିଳ୍ପକୁ ଭୌଗୋଳିକ ସୂଚକ (ଜିଆଇ) ଅଧୀନରେ ପଞ୍ଜୀକୃତ କରାଯାଇଛି । ମାତ୍ର ସେଥିରେ ଓଡ଼ିଶାର କତା କଣ୍ଢେଇ ସ୍ଥାନ ପାଇନାହିଁ । ରାଜ୍ୟ ବାହାରକୁ ଏହାର ରପ୍ତାନୀ ବୃଦ୍ଧି କରିବା ଲାଗି ପ୍ରୟାସ କରାଯାଉଛି। ଏହି କତା କଣ୍ଢେଇ ଜିଆଇରେ ସ୍ଥାନ ପାଇଲେ ଏଥିରେ ସମ୍ପୃକ୍ତ କାରିଗରମାନେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପାଇପାରିବେ । କିନ୍ତୁ ଏକଥା ସତ ଯେ, ଏହି କତା କାରିଗରି ପୁରୀ ତଥା ଏହାର ଆଖପାଖ ଅଞ୍ଚଳର ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇ ନିଜ ଗୋଡ଼ରେ ନିଜେ ଠିଆ ହେବାର ବାଟ ଦେଖାଇଛି।

**-ରୋଜାଲିନ ମହାନ୍ତି, ବନବିହାରୀ ବେହେରା**
**ତଥ୍ୟ ସହାୟତା: ହେମନ୍ତ ନାୟକ, କିଶୋର ମହାପାତ୍ର**
**ଫଟୋ: ଯଜ୍ଞେଶ୍ୱର ମହାନ୍ତି**



# ଟ୍ରେଞ୍ଚ କୋଟ୍





ଆଜିକାଲି ଯୁବପିଢ଼ି ଫ୍ୟାଶନ ଏକ୍ସପେରିମେଣ୍ଟକୁ ନେଇ ପୂରା ଆକ୍ଟିଭ ରହୁଥିବାର ଦେଖିବାକୁ ମିଳୁଛି। ମାର୍କେଟ୍‌କୁ ଯାହା ବି ଲାଟେଷ୍ଟ ମଡେଲ ଆସିଲା, ତାକୁ ନିଜ ୱାର୍ଡରୋବ୍‌ରେ ସାମିଲ କରିବାକୁ ସେମାନେ ତତ୍ପରତା ଦେଖାଇଥାନ୍ତି। ବର୍ତ୍ତମାନ ଶୀତଦିନ ପାଇଁ ଟ୍ରେଞ୍ଚ କୋଟ୍‌ର ଫ୍ୟାଶନ ଖୁବ୍ ଚାଲିଛି। ଏହାକୁ ଟ୍ରାଏ କଲେ ସ୍ମାର୍ଟ ଲୁକ୍ ମିଳିବା ସହ ଶୀତରୁ ବି ରକ୍ଷା ପାଇହୁଏ। ତେବେ ଏହି ଟ୍ରେଞ୍ଚ କୋଟ୍ କ'ଣ ଓ ଏହାକୁ କେମିତି ବ୍ୟବହାର କଲେ ଲୁକ୍ ଅଧିକ ଆକର୍ଷଣୀୟ ଲାଗିବ ଜାଣନ୍ତୁ ସେ ସମ୍ପର୍କରେ...

### ଟ୍ରେଞ୍ଚ କୋଟ୍‌ର ଇତିହାସ

ଫ୍ୟାଶନ ଏକ୍ସପର୍ଟମାନେ କୁହନ୍ତି, ଟ୍ରେଞ୍ଚ କୋଟ୍‌ର ଶୁଭାରମ୍ଭ ବ୍ରିଟିଶ୍ ଆର୍ମିଙ୍କଠାରୁ ହିଁ ହୋଇଥିଲା। କ୍ରମେ ଧୀରେ ଧୀରେ ଏହା ଫ୍ୟାଶନ ଇଣ୍ଡଷ୍ଟ୍ରିରେ ଇଣ୍ଟ୍ରୋଡ୍ୟୁସ୍ ହେବାକୁ ଲାଗିଲା। ବଲିଉଡ୍ ସେଲିବ୍ରିଟିମାନେ ପ୍ରଥମେ ଏହାକୁ ବ୍ୟବହାର କରିବା ପରେ ଭାରତରେ ଏହାର ଚାହିଦା ବଢ଼ିବାକୁ ଲାଗିଲା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କୋଟ୍ ଭିନ୍ନ ଭିନ୍ନ ଫ୍ୟାବ୍ରିକ୍‌ରେ ଏବେ ମାର୍କେଟ୍‌ରେ ମିଳିଲାଣି, ଯାହାକୁ ନିଜର ରୁଚି ଅନୁସାରେ ଅଲଗା ଅଲଗା ରଙ୍ଗରେ ଆପଣ ବ୍ୟବହାର କରିପାରିବେ। ତେବେ ଶୀତଦିନକୁ ଆଖି ଆଗରେ ରଖି ଏହି କୋର୍ଟରେ କିଛି ସ୍ୱତନ୍ତ୍ର ଫ୍ୟାବ୍ରିକ୍‌ର ଟଚ୍‌ଅପ୍ ଦିଆଯାଇଥାଏ, ଯଦ୍ୱାରା ଶୀତରେ ଏହା ଦେହକୁ ଉଷ୍ମତା ପ୍ରଦାନ କରିଥାଏ।



### ଟ୍ରେଞ୍ଚ କୋଟ୍‌ର ଚାହିଦା

ଫ୍ୟାଶନ ଡିଜାଇନର୍ସଙ୍କ ମତାନୁସାରେ, ପୂର୍ବେ କେବଳ ମେନ୍ସ ଫ୍ୟାଶନ ଟ୍ରେଣ୍ଡରେ ହିଁ ଟ୍ରେଞ୍ଚ କୋଟ୍‌ର ଖୁବ୍ ଚଳଣି ଥିଲା। ସେମାନେ ମୁଖ୍ୟତଃ ଏହାକୁ ଜିନ୍ସ ଓ ଶାର୍ଟ ସହିତ ପେୟାର କରୁଥିଲେ। କିନ୍ତୁ ଏବେ ସମୟ ବଦଳିଗଲାଣି। ମହିଳାମାନେ ବି ଟ୍ରେଞ୍ଚ କୋଟ୍ ବ୍ୟବହାର କରିବା ଆରମ୍ଭ କଲେଣି। ଆଜିକାଲି ତ ମହିଳାମାନେ ଲେହେଙ୍ଗା, ପ୍ଲାଜୋ, ଲଙ୍ଗ୍ ଲେନ୍ଥ ଗାଉନ୍ ଇତ୍ୟାଦିରେ ବି ଏହି କୋଟ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।



### କିଛି ଟିପ୍ସ

ପୂର୍ବେ ଟ୍ରେଞ୍ଚ କୋଟ୍ କେବଳ ଖାକି ରଙ୍ଗର ଆସୁଥିଲା। କିନ୍ତୁ ଏବେ ଏହା ବିଭିନ୍ନ ରଙ୍ଗରେ ଆସୁଥିବା ଦେଖିବାକୁ ମିଳୁଛି। ଖାସ୍ କରି କଳା, ନାଳି, ବାଇଗଣି ରଙ୍ଗର ଟ୍ରେଞ୍ଚ କୋଟ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ତା'ଛଡ଼ା ଫ୍ଲୋରାଲ ଡିଜାଇନ୍‌ର ଟ୍ରେଞ୍ଚ କୋଟ୍‌ର ଚଳଣି ବି ଏବେ ଖୁବ୍ ଚାଲିଛି।

–ଶାଢ଼ି ପିନ୍ଧିଲାବେଳେ ଫ୍ଲୋରାଲ ଡିଜାଇନ୍‌ର ଟ୍ରେଞ୍ଚ କୋଟ୍ ବ୍ୟବହାର କରନ୍ତୁ, ଡିଫରେଣ୍ଟ ଲୁକ୍ ମିଳିବ।


–ଯଦି ଆପଣ ପ୍ଲାଜୋ କିମ୍ବା ଲଙ୍ଗ୍ ଲେନ୍ଥ ଗାଉନ୍‌ରେ ଏହି କୋଟ୍ ବ୍ୟବହାର କରିବାକୁ ଚାହୁଁଥାନ୍ତି, ତା'ହେଲେ ହାଇହିଲ୍ ସହ ଉଭୟ ପ୍ଲେନ୍ କିମ୍ବା କଲରଫୁଲ୍ ଟ୍ରେଞ୍ଚ କୋଟ୍ ଟ୍ରାଏ କରନ୍ତୁ, ସ୍ମାର୍ଟ ଲାଗିବେ।

–ଅନ୍ୟପକ୍ଷେ ଲେହେଙ୍ଗା ସହ ଏହାକୁ ଟ୍ରାଏ କରୁଥିଲେ, ଯେଉଁ ରଙ୍ଗର ଲେହେଙ୍ଗା ପିନ୍ଧୁଛନ୍ତି, ସେହି ରଙ୍ଗର ଟ୍ରେଞ୍ଚ କୋଟ୍ ପିନ୍ଧିବାକୁ ଚେଷ୍ଟା କରନ୍ତୁ। ନଚେତ୍ ଲୁକ୍ ମିସ୍‌ମ୍ୟାଚ୍ ଲାଗିବ।

–ଏସବୁ ବ୍ୟତୀତ ଜିନ୍ସ ଓ ଟପ୍ସ, ନି ଲେନ୍ଥ ଫ୍ରକ୍ ତଥା ସ୍କର୍ଟ ଓ ଟପ୍ସ ସହ ମଧ୍ୟ ଟ୍ରେଞ୍ଚ କୋଟ୍ ବ୍ୟବହାର କରିପାରିବେ।





# ଦରଦୀ ସ୍ରଷ୍ଟା




**ସାରାମାଗୋ ଜଣେ ମାନବବାଦୀ ରଚନାକାର ହୋଇଥିବାରୁ ପର୍ତ୍ତୁଗାଲର ପାଠକଗଣ ତାଙ୍କୁ ନେଇ ବେଶ୍ ଗର୍ବ କରନ୍ତି। ସାଧାରଣ ମଣିଷର କଥାକୁ କିଭଳି ଅସାଧାରଣ ଭାବରେ ଉପସ୍ଥାପନ କରାଯିବ ସେଥିରେ ସେ ସିଦ୍ଧହସ୍ତ ଥିଲେ...**






ପର୍ତ୍ତୁଗାଲର ଜଣେ ପ୍ରତିନିଧି ଶ୍ରେଣୀୟ ଲେଖକ ହେଉଛନ୍ତି ଜୋସ୍ ଡି ସାଉସା ସାରାମାଗୋ। ସେ ଏକାଧାରରେ ଜଣେ ଔପନ୍ୟାସିକ, କବି, ନାଟ୍ୟକାର ଏବଂ ସାମ୍ବାଦିକ। ସେ ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ଲେଖକ ଥିଲେ। ତାଙ୍କର ସାହିତ୍ୟ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ସେ କେବଳ ସେହିମାନଙ୍କ କଥା ହିଁ ଲେଖୁଥିଲେ। ସେଥିଲାଗି ତାଙ୍କୁ ପର୍ତ୍ତୁଗାଲର ଜଣେ ଦରଦୀ ସ୍ରଷ୍ଟା ବୋଲି କୁହାଯାଏ। ସେ ଜଣେ ମାନବବାଦୀ ରଚନାକାର ହୋଇଥିବାରୁ ପର୍ତ୍ତୁଗାଲର ପାଠକଗଣ ତାଙ୍କୁ ନେଇ ବେଶ୍ ଗର୍ବ କରନ୍ତି। ସାଧାରଣ ମଣିଷର କଥାକୁ କିଭଳି ଅସାଧାରଣ ଭାବରେ ଉପସ୍ଥାପନ କରାଯିବ ସେଥିରେ ସେ ସିଦ୍ଧହସ୍ତ ଥିଲେ। ୧୯୯୮ରେ ତାଙ୍କୁ ନୋବେଲ ପୁରସ୍କାର ମିଳିଲା। ଏହା ପରେ ପର୍ତ୍ତୁଗାଲ ସାହିତ୍ୟର ମାନ୍ୟତା ମଧ୍ୟ ବଢ଼ିଲା। ନୋବେଲ ପୁରସ୍କାର ଘୋଷଣା ହେବା ଦିନ ପର୍ତ୍ତୁଗାଲରେ ଉତ୍ସବ ପାଳିତ ହୋଇଥିଲା।

**ଜନ୍ମ ଓ ପିଲାବେଳ :** ୧୯୨୨ ମସିହା ନଭେମ୍ବର ୧୬ ତାରିଖରେ ପର୍ତ୍ତୁଗାଲର ଆଜିନାଗାଠାରେ ସାରାମାଗୋ ଜନ୍ମଗ୍ରହଣ କରିଥିଲେ। ପର୍ତ୍ତୁଗାଲର ଉତ୍ତରପୂର୍ବରେ ଅବସ୍ଥିତ ଏହା ଥିଲା ଏକ ଛୋଟିଆ ଗାଁ। ବାପାଙ୍କ ନାମ ଜୋସ୍ ଡି ସାଉସା ଏବଂ ମା'ଙ୍କ ନାମ ମାରିଆ ଡି ପିଏଡାଡେ। 'ସାରାମାଗୋ' ତାଙ୍କର ପିଲାବେଳର ଶ୍ରଦ୍ଧାନାମ, ଯେଉଁ ନାମରେ ଲୋକମାନେ ତାଙ୍କୁ ସମ୍ବୋଧନ କରୁଥିଲେ। ତାଙ୍କ ପରିବାର ଥିଲା ଏକ ଚାଷୀ ପରିବାର। କୃଷି ସେମାନଙ୍କର ମୁଖ୍ୟ ବେଉସା ଥିଲା। ତେବେ ୧୯୨୪ ମସିହାରେ ବାପା ଜୋସ୍ ଡି ସାଉସା ପରିବାର ସହିତ ଲିସବନ୍ ସହରକୁ ସ୍ଥାନାନ୍ତରିତ ହୋଇଆସିଲେ। ତାଙ୍କୁ ପୋଲିସ ବିଭାଗରେ ନିଯୁକ୍ତି ମିଳିଥିଲା।

**ପ୍ରକୃତିପ୍ରେମୀ ସାରାମାଗୋ :** ତାଙ୍କର ପିଲାବେଳ ରାଜଧାନୀରେ କଟିଥିଲା। ଛୁଟିରେ ସେ ଗାଁ ଆଜିନାଗାକୁ ବୁଲି ଆସୁଥିଲେ। ପିଲାଟି ବେଳରୁ ପ୍ରକୃତି ପ୍ରେମରେ ପଡ଼ିଯାଇଥିଲେ ସେ। ସେ ତାଙ୍କର ପିଲାବେଳକୁ ମନେପକେଇ ଏକଦା କହିଥିଲେ, ଛୁଟି ମିଳିବା ମାତ୍ରେ ସେ ଗାଁକୁ ଫେରି ଆସିବାକୁ ଇଚ୍ଛା କରୁଥିଲେ। କାରଣ ଗାଁର ପ୍ରକୃତି ଖୁବ୍ ମନୋରମ ଥିଲା। ବଡ଼ବଡ଼ ଗଛ, ବଡ଼ବଡ଼ ଜଳାଶୟ ଆଦି ରହିଥିଲା। ସେ ଗଛଗୁଡ଼ିକ ସହିତ ବନ୍ଧୁତା ସ୍ଥାପନ କରିନେଇଥିଲେ। ସେମାନଙ୍କ ସହ ଖେଳୁଥିଲେ। କଥା ହେଉଥିଲେ। ସେମାନଙ୍କୁ ଆଲିଙ୍ଗନ କରୁଥିଲେ। ସେ କହୁଥିଲେ, ଗଛକୁ କେବଳ ଗୋଟିଏ ଗଛ ଭାବରେ ଦେଖିବା ଉଚିତ ନୁହେଁ। ସେମାନଙ୍କର ଜୀବନ ଅଛି। ସେମାନେ ମଧ୍ୟ ଭାବନାକୁ ବୁଝିପାରନ୍ତି।

**କମ୍ ବୟସରୁ ରୋଜଗାର :** ସାରାମାଗୋ ଜଣେ ଭଲ ଛାତ୍ର ଥିଲେ। ସେ ଖୁବ୍ ସମୟାନୁବର୍ତ୍ତୀ ଥିଲେ। ପରିବାରିକ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲା। ସେଥିଲାଗି ସେ ଏକ ସାଧାରଣ ସ୍କୁଲରେ ପାଠ ପଢ଼ିଲେ। ସ୍ନାତକ ସରୁସରୁ ତାଙ୍କ ମୁଣ୍ଡକୁ ରୋଜଗାରର ଚିନ୍ତା ଘାରିଥିଲା। ସେ ସ୍ନାତକ ପରୀକ୍ଷା ଦେଇ କାମ କରିବା ଆରମ୍ଭ କରିଦେଲେ। ପ୍ରଥମେ ଏକ ଗ୍ୟାରେଜ୍‌ରେ ମେକାନିକ୍ ଭାବେ କାମ କଲେ। ତା'ପରେ ସେ ଜଣେ ଅନୁବାଦକ ସାଜିଲେ। ଏହି ଅନୁବାଦ କାମ କରିବା ଫଳରେ ତାଙ୍କର ଲେଖିବାର ଦକ୍ଷତା ବଢ଼ିଲା। ପରେ ସେ ଖବରକାଗଜରେ ଯୋଗଦେଲେ।

**ବିବାହ :** ୧୯୪୪ରେ ସାରାମାଗୋଙ୍କର ଇଲଦା ରେଇସ୍ ନାମ୍ନୀ ଜନୈକା ତରୁଣୀଙ୍କ ସହ ବିବାହ ହେଲା। ୧୯୪୭ରେ ଜନ୍ମ ନେଇଥିଲା ତାଙ୍କର ଏକମାତ୍ର ସନ୍ତାନ ଭିଓଲାଣ୍ଟେ। ମାତ୍ର ପରେ ସେ ପିଲାର୍ ଡେଲ ରିଓ ନାମକ ଆଉଜଣେ ସୁନ୍ଦରୀ ତରୁଣୀ ପ୍ରେମରେ ପଡ଼ିଲେ। ୧୯୮୮ରେ ସେମାନେ ପରସ୍ପରକୁ ବିବାହ କଲେ। ରିଓ ସାରାମାଗୋଙ୍କ ବହି ସବୁର ସ୍ପାନିସ୍ ଅନୁବାଦ କରିଥିଲେ। ସେଥିଲାଗି ତାଙ୍କୁ ବିଶ୍ୱ ପରିଚିତି ମିଳିଥିଲା।

**ବିବାଦ ଓ ପ୍ରସିଦ୍ଧି :** ନିଜର ରଚନା ପାଇଁ ଭାରି ବିବାଦୀୟ ହୋଇ ଉଠିଥିଲେ ସାରାମାଗୋ। ଏପରି କି ପର୍ତ୍ତୁଗାଲ ସରକାର ତାଙ୍କର ଲେଖାସବୁରେ କଟକଣା ଲଗେଇଥିଲେ। ଅଭିଯୋଗ ଉଠିଥିଲା ଯେ, ସେ ଇହୁଦୀମାନଙ୍କର ବିଶ୍ୱାସକୁ ଅନ୍ଧବିଶ୍ୱାସ ବୋଲି ଚିତ୍ରଣ କରୁଛନ୍ତି। ମାତ୍ର ଏ ଅଭିଯୋଗର ଆୟୁଷ ବେଶି ଦିନ ନ ଥିଲା। ଓଲଟି ସେ ବିଶ୍ୱର ଜଣେ ପ୍ରସିଦ୍ଧ ଲେଖକର ମାନ୍ୟତା ପାଇଥିଲେ। ୨୦୧୦ରେ ତାଙ୍କର ଦେହାନ୍ତ ଘଟିଥିଲା।

# ସ୍ମୃତି ତୁମେ

– ସାଇପ୍ରିୟା ନାୟକ

ଏ କଥା ସତ ଯେ,
ସମ୍ପର୍କ ଗଢ଼ା ହେଉଥାଏ, ଭାଙ୍ଗୁଥାଏ
ବାରମ୍ବାର
ନରମ, କୋମଳ ସମୁଦ୍ର ଲହଡ଼ି ପରି
ଧରିବାକୁ ଇଚ୍ଛା ହେଲେ ବି ଧରି ହୁଏନି
ଦୁଇ ହାତ ପାପୁଲିରେ ॥
ନିଷ୍ଠୁର ସମୟ ପ୍ରହାର କରି
ଚାଲିଥାଏ
ନିରବଧି ଶୂନ୍ୟତାକୁ
ଝରିପଡ଼େ କେତେ ମଧୁର, ତିକ୍ତ ସ୍ମୃତି
ଛିଣ୍ଡା ପଣରେ ଗୋଟେଇଲେ
ସୁ ରାସ୍ତା ସାରା ଝରିପଡ଼େ ॥

କୋଉଠି ବାଟୋଇକୁ ଛାଇଦିଏ ;
କୋଉଠି ସାଥୀ ହୋଇ କଥାହୁଏ ;
ଶୀତରାତିର ଉହ୍ମେଇ ପରି ଲାଗେ
କେବେକେବେ ଖୁବ୍ ଉଷୁମ
ଖୁବ୍ ଆପଣାର ମନେହୁଏ
ମନଭରି ଛୁଇଁବାକୁ ଇଚ୍ଛା ହୁଏ
ନିଜ ଛାତି ଭିତରେ ଲୁଚେଇ ଦିଏ
କାଳେ କିଏ ଦେଖିଦବ

ମୋ ସତ୍ତାରେ ମିଶିଯାଏ
ମୋ ଆତ୍ମାରେ ହଜିଯାଏ
ମୁଁ ତାକୁ ଖୋଜିଲେ ବି ପାଏନି ॥

– ଜଗନ୍ନାଥପୁର, ଭଦ୍ରକ



# ମାନିନୀ

– ନିଶିକାନ୍ତ କହଲସିଂହ

ମାନିନୀ ଗୋ !
ତମେ ହସିଲେ ସୁନ୍ଦର
ବସିଲେ ସୁନ୍ଦର
ରୁଷିଲେ ସୁନ୍ଦର ଦିଶ,
ତମେ ଗାଇଲେ ସୁନ୍ଦର
କହିଲେ ସୁନ୍ଦର
ଚାହିଁଲେ ସୁନ୍ଦର ଦିଶ,
ହେଲେ
ତମରି ଆଖିରେ
ଲୁହକୁ ଦେଖିଲେ
କେଜାଣି କାହିଁକି
ଦୁନିଆଟା ଲାଗେ ବିଷ ॥

– ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

# ସାକାଳ

– ଈପ୍‌ସିତା ଷଡ଼ଙ୍ଗୀ

ଛିଟପକା ଜାମାଟିଏ ପିନ୍ଧି କୁନିଝିଅଟି ଡେଇଁ ଡେଇଁ ରାସ୍ତାରେ ଚାଲୁଥାଏ । ମନ ତା'ର ଆକାଶରେ ଉଡୁଥିବା କୁନି ପ୍ରଜାପତି ପରି । ହାତରେ, ମା' କାଲି ଯାତରୁ କିଣି ଦେଇଥିବା ପେଁକାଳିଟି । ଫୁଙ୍କିଦେଲେ ପେଁ କିନା ଶବ୍ଦକରି ବେଲୁନ୍‌ଟି ଫୁଲିଯାଏ । କୁନିଝିଅ ଖିଲିଖିଲି କରି ହସିଦିଏ । ତା' ତାଳିପକା ଜାମା, ନୁଖୁରା ମୁଣ୍ଡବାଳ କି ପେଟର ଭୋକ ପାଇଁ ତା'ର ପରୱା ନ ଥାଏ । ହଠାତ ରାସ୍ତାକଡ଼ରେ କାନ୍ଦୁଥିବା ବୁଢ଼ାଟିକୁ ଦେଖି ତା' ପାଖେ ବସିପଡିଲା କୁନିଝିଅ । ଆଗ ବୁଢ଼ାଙ୍କ ମୁହଁକୁ ବାଲୁବାଲୁ କରି ଚାହିଁଲା କିଛି କ୍ଷଣ । ତା'ପରେ ପଚାରିଲା, 'ଅଜା, ଏ ଅଜା, କାନ୍ଦୁଛ କାହିଁକି ଯେ ? ତମ ଖେଳନା କ'ଣ ଭାଙ୍ଗିଗଲା ? ଏଇ ନିଅ, ମୋ ପେଁକାଳି । ନଉନ, ନିଅ । ମା' ଆରସନ ଯାତରୁ ମତେ ପୁଣି କିଣେଇ ଦବନି !' ବୁଢ଼ାଙ୍କ ଆଖିରୁ ଗୋଟେ ହାତରେ ଲୁହ ପୋଛି ଦଉଥାଏ । ଆଉ ଆର ହାତରେ ପେଁକାଳିଟିକୁ ତାଙ୍କ ହାତରେ ଗୁଞ୍ଜି ଦଉଥାଏ ।

ଏତିକିବେଳେ ଦି'ଚାରିଟା ଜାମା ଆଉ ଗୋଟିଏ ଅଖା ବ୍ୟାଗ୍ ବୁଢ଼ାଙ୍କ ଉପରକୁ ଫିଙ୍ଗିଦେଲା ଯୁବକ ଜଣେ । ମୁହଁଟି ବିରୁଡ଼ି ମାରିଲା ପରି ରତରତ । ଗରଗର ହେଇ କହୁଥାଏ– 'ଯାଅ, ତୁମ ଜିନିଷପତ୍ର ସବୁ ନେଇ ଚାଲିଯାଅ ଏଠୁ । ଆଉ ଦିନେ ଏଠିକି ଆସିବନି । ଆସିବ ଯଦି ମତେ ଦେଖିବ ।'

କୁନିଝିଅଟି ବୁଢ଼ାଙ୍କ ଫୋପଡ଼ା ହୋଇଥିବା ଜାମାକୁ ଟେକି ଧରିଲା । ଜାମାଗୁଡ଼ାକ ଚିରିଯାଇଥାଏ ଅନେକ ଜାଗାରେ । ହସିଦେଲା ଟିକେ । ବୁଢ଼ାଙ୍କ ହାତ ଧରି ଉଠେଇଲା । କହିଲା– 'ଏଇ କଥା । ଏଇଥିପାଇଁ କାନ୍ଦୁଛ । ମୋ ମା' ସିଲେଇ କରେ । ଯାହା ପଇସା ମିଳେ ଆମେ ଦି'ଜଣ ଚଳୁ । ମୋ ବାପା ମରିଯାଇଛନ୍ତି ନା । ତମେ କାନ୍ଦନି । ଚାଲ, ତମ ଜାମା ମୋ ମା' ସିଲେଇ କରିଦବ । କିଛି ବି ପଇସା ନବନି । ଆଗ କାନ୍ଦ ବନ୍ଦ କରିଦିଅ ଅଜା ।'

ବୁଢ଼ାଟି ତାଙ୍କ କନା କତରା ଧରି କୁନିଝିଅକୁ ଅନୁସରଣ କରୁଥିଲା । ସନ୍ଧ୍ୟା ଇଚ୍ଛା କରୁଥିଲା ଚଟ୍‌କିନି ରାତିକୁ ଡେଇଁ ସକାଳ ହୋଇଯିବାକୁ ।

– ଅଧ୍ୟାପିକା, ଇଂଲିଶ ବିଭାଗ,
ଗୁହାଳପଡ଼ା, ନିମାପଡ଼ା, ପୁରୀ

# ଶୀତ

– ରଞ୍ଜିତ୍ ସେନାପତି

ଶୀତ ଆସିଲା ଏବେ ଏବେ
ପୋରୁହାଁ ପିନ୍ଧି, ଉତ୍ତରାର ଉତ୍ତରୀ ଉଡ଼େଇ
ହେମାଳ ପବନର ପଇଁତରା
ଖେତ ଉଠା ପାଟକିଲରେ
ନିଆଁଠୁ ଅଧିକ ଏବେ ପାଣିଚିଆଁ
ମନ ବନାନୀର ସଂକୁଚିତ ସୀମାରେ
ମିଠା ଅନୁରାଗର ରଙ୍ଗଣୀଫୁଲ
ପତ୍ରସନ୍ଧିରେ ହଳଦୀ ବସନ୍ତ
ଯେଉଁଠି ଉଡ଼ାଏ ସୋରିଷ ଫୁଲର ପରାଗ
ସେଇଠି ଧାନଖଳାରେ ଲାଗେ
କୈଶୋରର ଖେଳ
ଏବେ ତ ଆସିଛି ଶୀତ
ରହ ଆଉଟିକେ ପାହିଯାଉ ରାତି
ଏବେ ପରା ପାହାନ୍ତି ପ୍ରହର
କଟିନାହିଁ କୁହୁଡ଼ିର କୁହୁ
ଦେହ ଲାଗେ ଭାରି ଜ୍ୱର ଜ୍ୱର ।

–ଅଧ୍ୟାପକ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା








ରଣବୀର ସିଂ-ସାରା

# ଟେନ୍ସନ ଫ୍ରି ରଣବୀର

ରଣବୀର ସିଂ ଏବେ ଟେନ୍ସନ ଫ୍ରି। କାରଣ ପ୍ରାୟ ଅନେକେ ଜାଣନ୍ତି, ବିବାହ ଆଉ ତିନି ତିନିଟା ରିସେପ୍ସନ ସାରିବା ପରେ ଏବେ ସେ ଶୁଟିଂକୁ ଫେରିଛନ୍ତି। ଏ ସମ୍ପର୍କରେ ରଣବୀର କହନ୍ତି, ''ବର୍ତ୍ତମାନ ପୂରାଦମ୍‌ରେ ଶୁଟିଂ ପାଇଁ ଟାଇମ୍ ଦେବାର ଅଛି। ସେପଟେ ରୋହିତ ସେଟ୍ଟୀଙ୍କ 'ସିମ୍ବା' ରିଲିଜ ହେବାକୁ ଯାଉଛି। ଏହାର ପ୍ରମୋଶନ ପାଇଁ ମୋତେ ଟାଇମ ବାହାର କରିବାକୁ ପଡିବ।'' 'ସିମ୍ବା' ଫିଲ୍ମର ପ୍ରଯୋଜନା କରିଛନ୍ତି କରନ୍ ଜୋହର ଓ ରୋହିତ ସେଟ୍ଟି। ଅନ୍ୟପକ୍ଷରେ ଫିଲ୍ମର କାହାଣୀ ଏବଂ ପ୍ରେଜେଣ୍ଟେସନକୁ ଆଧାର କରି ଏହା ହିଟ୍ ହେବ ବୋଲି ଆକଳନ କରିଛନ୍ତି ଏହାର ନିର୍ଦ୍ଦେଶକ ରୋହିତ ସେଟ୍ଟି। ଖାସ୍ କଥା ହେଲା, 'କେଦାରନାଥ' ପରେ ସାରା ଅଲ୍ଲୀ ଖାଁଙ୍କର ଏହା ହେଉଛି ଦ୍ୱିତୀୟ ଫିଲ୍ମ। ତେବେ ରଣବୀର-ସାରା ଯୋଡିକୁ ନେଇ ଚଳିତ ମାସ ୨୮ରେ ରିଲିଜ ହେବାକୁ ଯାଉଥିବା 'ସିମ୍ବା' ଦର୍ଶକଙ୍କୁ କେତେ କିମିଆ କରୁଛି ତାହା ଦେଖିବାକୁ ବାକି ରହିଲା।



ଅମିତାଭ ବଚ୍ଚନ

# ମନେପଡନ୍ତି ସଲିମ

ବଲିଉଡ୍‌ର ବିଶିଷ୍ଟ ସଂଳାପକାର ତଥା ଚିତ୍ରନାଟ୍ୟ ରଚୟିତା ସଲିମ ଖାଁ। ଦୀର୍ଘ ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ସେ ହିନ୍ଦୀ ସିନେମାରେ ନିଜର ଆଧିପତ୍ୟ ବଜାୟ ରଖିଛନ୍ତି। ତାଙ୍କର ଆଉ ଏକ ପରିଚୟ ହେଲା ସେ ହେଲେ ବର୍ତ୍ତମାନର ଅନ୍ୟତମ ଲୋକପ୍ରିୟ ଅଭିନେତା ସଲମାନ ଖାଁଙ୍କ ପିତା। ସଲିମଙ୍କ ଅବଦାନକୁ ଏବେ ମଧ୍ୟ ସ୍ମରଣ କରିଥାଆନ୍ତି ଅମିତାଭ। ସେତେବେଳେ ଅମିତାଭ ବଲିଉଡ୍‌ରେ ଏଣ୍ଟ୍ରି କରିଥାଆନ୍ତି। କେତୋଟି ସିନେମା ଫ୍ଲପ ହେବା ପରେ ନିଜ କ୍ୟାରିୟରକୁ ନେଇ ଦୋଛକିରେ ପଡିଥାଆନ୍ତି ସେ। ଠିକ୍ ସେହି ସମୟରେ ଦେବଦୂତ ପରି ଉଭା ହୋଇଥିଲେ ସଲିମ। 'ଜଞ୍ଜିର', 'ସୋଲେ' ଏବଂ 'ଦ୍ୱିୱାର' ପରି ସୁପରହିଟ୍ ସିନେମାର ସଂଳାପ ରଚନା କରିଥିଲେ ସେ। ଏହି ଫିଲ୍ମଗୁଡିକ ଅମିତାଭଙ୍କ କ୍ୟାରିୟରକୁ ନୂଆ ମୋଡ ଦେଇଥିଲା। ବାସ୍, ତା'ପରେ ଅମିତାଭଙ୍କ ପଛରେ ଲାଗିଯାଇଥିଲା ପ୍ରଯୋଜକଙ୍କ ଲମ୍ବା ଲାଇନ୍। ଆଉ ଏବେ ଯାହା ଘଟିଛି ତାହା କହିବା ବାହୁଲ୍ୟ। ହିନ୍ଦୀ ସିନେମାର ସେ ଜଣ ସ୍ମରଣୀୟ ବ୍ୟକ୍ତିତ୍ୱ, ଯାହାଙ୍କ ଅଭିନୟ ପଦାଙ୍କ ଅନୁସରଣ କରି ପରବର୍ତ୍ତୀ ସମୟରେ ଅନେକ କଳାକାର ଅଭିନୟକୁ କ୍ୟାରିୟର କରିବାକୁ ଆଗେଇ ଆସିଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଅମିତାଭ ଏ ସମ୍ପର୍କରେ କିଛି ସୂଚନା ଦେଇଥିଲେ। କେବଳ ସେତିକି ନୁହେଁ, ସେଠାରେ ଉପସ୍ଥିତ କବୀର ବେଦୀ ମଧ୍ୟ ଅମିତାଭ-ସଲିମ ଯୋଡି ବିଷୟରେ ଅନେକ ଅଭୁଲା କଥାକୁ ବଖାଣୁଥିଲେ।

# ପରିଣୀତିଙ୍କ ବେଡ ରେଷ୍ଟ

ପରିଣିତି ଚୋପ୍ରା ଏବେ ବେଡ୍ ରେଷ୍ଟ ନେଉଛନ୍ତି। ପ୍ରିୟଙ୍କା ଚୋପ୍ରାଙ୍କ ବାହାଘରକୁ ନେଇ ସେ ବ୍ୟସ୍ତ ଥିଲେ। ଏହାପରେ ସେ ଏତେ ଟାୟାର୍ଡ ଯେ କିଛିଦିନ ରେଷ୍ଟ ନେବେ। ହେଲେ ଏହାପଛରେ ଆଉ ଏକ କାରଣ ମଧ୍ୟ ରହିଛି। ନିଜ ରୁମ୍ ଭିତରେ ବୁଲୁଥିବା ବେଳେ ଅସାବଧାନତାରୁ ତାଙ୍କର ଗୋଡ ମକଚି ହୋଇଯାଇଥିଲା। ତେଣୁ ଏବେ ତାଙ୍କୁ ବୁଲିବା ମନା। ଏ ସମ୍ପର୍କରେ ପରିଣିତି କୁହନ୍ତି, 'ପ୍ରିୟଙ୍କା ଦିଦିଙ୍କ ମ୍ୟାରେଜ ପରେ ମୁଁ କ୍ଲାନ୍ତ ହୋଇପଡିଛି। ସେପଟେ ମୋ ଗୋଡ ମକଚି ହୋଇଯାଇଛି, ହେଲେ ଆଘାତ ଏତେ ଗୁରୁତର ନୁହେଁ। ତେଣୁ କିଛିଦିନ ରେଷ୍ଟ ନେବା ପରେ ପୁଣି ମୋ ଡେଲି ରୁଟିନ ଅନୁସାରେ କାମ ଚାଲିବ। ଏବେ ମୁଁ କୁଆଡେ ମୋ ପାରିଶ୍ରମିକ ବଢ଼ାଇ ଦେଇଛି। ମୋତେ ବଦନାମ କରିବାକୁ କେହି ଏଭଳି ଅପପ୍ରଚାର ଚଳାଇଛି। ବର୍ତ୍ତମାନ ମୋର ପାରିଶ୍ରମିକ ବଢ଼ାଇବାର ଯୋଜନା ନାହିଁ। ତେବେ ଏକ ଫିଲ୍ମ ପାଇଁ ଜଣେ ପ୍ରଯୋଜକ ମୋତେ ତାଙ୍କ ପଟରୁ ଅଧିକ ରେମ୍ୟୁନିରେଶନ ଦେବାକୁ କହିଥିଲେ। ସେଥିରେ ମୋର କୌଣସି ଭୂମିକା ନାହିଁ।'



# ଦିନ ଗଣୁଛନ୍ତି ରିୟାନା

ନବାଗତା ରିୟାନା ଶୁକ୍ଲା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ପାଦ ଥାପିଛନ୍ତି। ତାଙ୍କ ଅଭିନୀତ 'ଏ ଦିଲ ତତେ ଦେଲି'ର ରିଲିଜ ଦିନ ଯେତିକି ପାଖେଇ ଆସୁଛି ତାଙ୍କର ଉତ୍କଣ୍ଠା ସେତିକି ବଢ଼ି ଚାଲିଛି। ଅନ୍ୟପକ୍ଷରେ କେବଳ ଏହି ସିନେମାର କାହାଣୀ କିମ୍ବା ଉପସ୍ଥାପନା ନୁହେଁ, ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ମଡେଲ-କମ୍-ଅଭିନେତ୍ରୀ। ଏଥିରେ ନିଜ ଭୂମିକା ସମ୍ପର୍କରେ ରିୟାନା କହନ୍ତି, 'ଏହି ଫିଲ୍ମରେ ମୋତେ ଏକ ଚୁଲବୁଲି ତଥା ରୋମାଣ୍ଟିକ ଭୂମିକା ମିଳିଛି। ଯେତେବେଳେ ମୋତେ ଏ ନେଇ ନିର୍ଦ୍ଦେଶକ ନିଲୁ ବକ୍ସ ସୂଚନା ଦେଲେ ସେତେବେଳଠାରୁ ଏହାକୁ ତୁଲାଇବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥିଲି। ଫିଲ୍ମଟି କିପରି ଦର୍ଶକଙ୍କ ମନକୁ ଛୁଇଁବ ସେଥିପାଇଁ ଆମେ ସମସ୍ତେ ନିଜର ଦାୟିତ୍ୱ ଠିକ ଭାବରେ ସମ୍ପାଦନ କରିଛୁ, ବାକି ଦର୍ଶକଙ୍କ ଉପରେ ନିର୍ଭର କରେ।' ଷ୍ଟେପ୍ ବାଏ ଷ୍ଟେପ୍ ଏବଂ ରଙ୍ଗ କ୍ରିଏସନ୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଅଖିଳେଶ ବର୍ମା। ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ନିଲୁ ବକ୍ସ। ଚଳଚ୍ଚିତ୍ରରେ ନାୟକ ଅଛନ୍ତି ବିଭାସ। ମାନସ ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମହମ୍ମଦ ମୁସୀର। ଅନ୍ୟପକ୍ଷରେ ମନୀଷା ମିଶ୍ର ଏବଂ ନିଲୁଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।



ବିଭାସ-ରିୟାନା

# ଉର୍ଦ୍ଦୁ ଶିଖୁଛନ୍ତି ଜାହ୍ନବୀ

ଜାହ୍ନବୀ କପୁର ଏବେ ଉର୍ଦ୍ଦୁ ଶିଖୁଛନ୍ତି। ହେଲେ କ'ଣ ପାଇଁ ? ହଠାତ୍ ଏମିତି ଉର୍ଦ୍ଦୁ ଶିଖିବା ପଛରେ ସେପରି କିଛି କାରଣ ଅଛି କି ? କଥା କ'ଣ କି, କରନ୍ ଜୋହରଙ୍କ ଆଗାମୀ ଫିଲ୍ମ 'ତଖ୍‌ତ'ରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏହି ଫିଲ୍ମରେ ତାଙ୍କ ଭୂମିକାଟି ହେଲା ହୀରା ବାଈ। ଏଥିରେ ଯେହେତୁ ତାଙ୍କୁ କିଛି ଉର୍ଦ୍ଦୁ ଡାଏଲଗ କହିବାକୁ ପଡିବ ସେଥିପାଇଁ ଏବେଠାରୁ ସେ ଅଭ୍ୟାସ କରିବା ଆରମ୍ଭ କରିଛନ୍ତି। କେବଳ ସେତିକି ନୁହେଁ, ଜାହ୍ନବୀ କିପରି ଭଲ ଭାବରେ ଉର୍ଦ୍ଦୁ କହିପାରିବେ ତାହାର ବ୍ୟବସ୍ଥା ଖୋଦ କରନ୍ ହିଁ କରିଛନ୍ତି। ସେଥିପାଇଁ ସେ ଜଣେ ଭଲ ଉର୍ଦ୍ଦୁ ଶିକ୍ଷକଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ଜାହ୍ନବୀଙ୍କୁ ଏଥିପାଇଁ ସମୟ ଦେବାକୁ ପଡୁଛି। ଜାହ୍ନବୀଙ୍କ ବ୍ୟତୀତ ରଣବୀର ସିଂ, କରୀନା କପୁର ଖାଁ, ଆଲିୟା ଭଟ୍ଟ, ଭିକି କୌଶଲ ପ୍ରମୁଖ କଳାକାର ଏହି ଫିଲ୍ମରେ ଅଭିନୟ କରିବେ।



ପ୍ରଥମ ରୋଜଗାର

"ମା'ଲୋ ମଲି ବିଛା କାମୁଡ଼ିଲା ରାତିରେ କାଲି..." ଏବଂ "ଲେ ଲେଇଜା ଲଟକ ମଣି ଲବଙ୍ଗଦିଆ ପାନ" ଭଳି ଏକାଧିକ ହିଟ୍ ଗୀତରେ କଣ୍ଠଦାନ କରିଥିବା ଲୋକପ୍ରିୟ କଣ୍ଠଶିଳ୍ପୀ ଜ୍ୟୋତ୍ସ୍ନାରାଣୀ ମୁଦାଲି ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



# ପ୍ରଥମ ରୋଜଗାର ବାପାଙ୍କୁ ଦେଇଥିଲି

ଗାଁ ଖୋର୍ଦ୍ଧା ଜିଲା ବାଲୁଗାଁରେ ହୋଇଥିଲେ ହେଁ ଜନ୍ମ ଆଉ ପାଠପଢା ସବୁକିଛି ମୋର ରାଉରକେଲାରେ। କାରଣ ବାପା ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଚାକିରି କରିଥିଲେ। ଏନ୍ଏସି ଗର୍ଲ୍ସ ହାଇସ୍କୁଲ୍‌ରୁ ମାଟ୍ରିକ୍ ପାସ୍ କରି ରାଉରକେଲା ଓମେନ୍ସ କଲେଜରେ ପଢିଥିଲି। ବି.ଏ. ଦ୍ୱିତୀୟ ବର୍ଷରେ ମୋ ବାହାଘର ହେଲା। ସ୍ୱାମୀ ମୁମ୍ବାଇରେ ରହୁଥିବାରୁ ମୋତେ ସେଠାକୁ ଯିବାକୁ ପଡିଲା। ତେଣୁ ପାଠରେ ଡୋରି ବନ୍ଧା ହେଲା। ପାଠ ସିନା ଅଧାରେ ରହିଗଲା କିନ୍ତୁ ଗୀତ ଗାଇବା ମୋର ସେମିତି ଚାଲିଲା। ସୂଚନାଯୋଗ୍ୟ, ପିଲାଦିନୁ ଗୀତ ପ୍ରତି ମୋର ଦୁର୍ବଳତା ଥିଲା। ରେଡିଓରୁ ଗୀତ ଶୁଣିଶୁଣି ବୋଲିବା ଶିଖିଥିଲି। କ୍ଲାସ୍-୧ରେ ପଢିଲା ବେଳେ ସ୍କୁଲ୍‌ରେ ଏକ ଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲି, ଯେଉଁଠାକୁ କଣ୍ଠଶିଳ୍ପୀ ଆଶାଲତା ଷଡଙ୍ଗୀ ଅତିଥି ହୋଇକି ଆସିଥିଲେ। ଏଥିରେ ମୁଁ 'କାଳିଆ ଆସିଲା ଭାଇ କାଳିଆ ଆସିଲା' ଗୀତଟି ଗାଇଲି। ଅତିଥିଙ୍କୁ ମୋ ସ୍ୱର ଏତେ ଆକର୍ଷିତ କଲା ଯେ, ଏହାର କିଛିଦିନ ପରେ ରାଉରକେଲା ଉଦିତ୍‌ନଗରରେ ଅନୁଷ୍ଠିତ ହେଉଥିବା ଏକ ସଂଗୀତ ପ୍ରୋଗ୍ରାମ୍‌ରେ ଗୀତ ଗାଇବାକୁ ସେ ମୋତେ ଆମନ୍ତ୍ରିତ କଲେ। ବିନା କୌଣସି ଶିକ୍ଷାଦିକ୍ଷାରେ ଏତେ ସୁନ୍ଦର ଗାଉଥିବା କଥା ସେ ଜାଣି ମୋତେ ଗୀତ ଶିଖିବା ପାଇଁ ପରାମର୍ଶ ଦେଲେ। କିନ୍ତୁ ବାପାଙ୍କୁ ମୋର ଗୀତ ଗାଇବା ପସନ୍ଦ ନଥିଲା। ସେ ଚାହୁଁଥିଲେ ପାଠପଢି ମୁଁ ଚାକିରି କରେ। ହେଲେ ବାପାଙ୍କ ଅଫିସ୍‌ର କେତେଜଣ ଷ୍ଟାଫ୍ ବାପାଙ୍କୁ ବାଧ୍ୟ କରିବାରୁ ରାଉରକେଲା ଭଞ୍ଜକଳା କେନ୍ଦ୍ରରେ ମୋ ନାଁ ଲେଖାହେଲା। ତରଣୀ ରଞ୍ଜନ ଜେନା ଥିଲେ ମୋ ପ୍ରଥମ ଗୀତ ଗୁରୁ, ତାଙ୍କଠୁ ଓଡ଼ିଶୀ ଗୀତ ଶିଖିଥିଲି। ଆଉ ସେହି ଭଞ୍ଜକଳାରୁ ହିଁ ଓଡ଼ିଶୀରେ ବିଶାରଦ ଶେଷ କଲି। ତା'ପରେ ବି.ବୁଦ୍ଧ ପ୍ରସାଦ ରାଓଙ୍କଠାରୁ ହିନ୍ଦୁସ୍ତାନୀ ଏବଂ ରାଧାକୃଷ୍ଣ ଭଞ୍ଜ ଓ ଭାସ୍କର ପୁହାଣଙ୍କଠାରୁ ଆଧୁନିକ ଗୀତ ଗାଇବାର ଶୈଳୀ ଶିଖିଲି। ଅବଶ୍ୟ ତା'ଭିତରେ ଅନେକ ଭଜନ ଓ ଆଧୁନିକ କ୍ୟାସେଟ୍ ପାଇଁ ଗୀତ ବୋଲିବା ଆରମ୍ଭ କରିଦେଇଥିଲି। ଏପରି କି ଅନେକ ସମ୍ବଲପୁରୀ ଗୀତ ବି ବୋଲି ଥିଲି। ତା'ସହିତ ଷ୍ଟେଜ୍ ପ୍ରୋଗ୍ରାମ୍ ମଧ୍ୟ କରୁଥିଲି। ସେତେବେଳେ ପଇସା ଏତେ ମିଳୁ ନ ଥିଲା, କିନ୍ତୁ ଅନେକ ଗିଫ୍ଟ ପାଉଥିଲି। ସେହିପରି ମାତ୍ର ୧୫ ବର୍ଷ ବୟସରେ ଅଡିସନ୍ ଦେଇ ଆକାଶବାଣୀ, ସମ୍ବଲପୁରର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ହେବାର ଗୌରବ ପାଇଲି। ଆକାଶବାଣୀରୁ ପ୍ରଥମ ରୋଜଗାର ୨୧୧ ଟଙ୍କା ହେଲା। ଟଙ୍କା ଆଣି ବାପାଙ୍କୁ ଦେଲି। ବାପା ଉପରେ କଠୋର ହୋଇଥିଲେ ହେଁ, ଆକାଶବାଣୀରୁ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ହୋଇ ଟଙ୍କା ରୋଜଗାର କରିଥିବାରୁ ସେ ସେଦିନ ବହୁତ ଖୁସି ହୋଇଥିଲେ। ବାସ୍ ତା'ପରଠୁ ସଫଳତା ଯେମିତି ମୋ ଭାଗ୍ୟ ସହ ଯୋଡି ହୋଇଗଲା। 'ଦିବ୍ୟ କୁଣ୍ଡଳ ହାରମୁକ୍ତ୍ୱଳ ମସ୍ତକୋଜ୍ଜ୍ୱଳ ଶୋଭିତଂ...', 'ଆ ସଙ୍ଗାତ ହୋ...', 'ମା' ସମଲେଇ ମୋ ମା' ସମଲେଇ...(ସମ୍ବଲପୁରୀ ଭର୍ସନ)' ତଥା 'ମା' ଲୋ ମଲି ବିଛା କାମୁଡ଼ିଲା ରାତିରେ କାଲି...', 'ଲେ ଲେଇଜା ଲଟକ ମଣି ଲବଙ୍ଗ ଦିଆ ପାନ...' ଭଳି ଅନେକ ହିଟ୍ ଗୀତରେ କଣ୍ଠଦାନ କରି ଶ୍ରୋତାଙ୍କର ପ୍ରଶଂସା ସାଉଁଟିଥିଲି। ପାଖାପାଖି ୫୦ଟି କ୍ୟାସେଟ୍ (ଉଭୟ ଆଧୁନିକ ଓ ଭଜନ)ରେ ଗୀତ ବୋଲି ସାରିଥାଏ। ଚଳଚ୍ଚିତ୍ର ପାଇଁ ଅଫର୍ ମିଳିବାର ଥାଏ। କିନ୍ତୁ ହଠାତ୍ ବାହାଘର ହୋଇଯିବାରୁ ସବୁକିଛିକୁ ପଛରେ ଛାଡ଼ି ମୁମ୍ବାଇ ପଳେଇଲି। ସେଠାକୁ ଯାଇ ସୁରେଶ ୱାଡକର୍‌ଙ୍କଠାରୁ ୨ ବର୍ଷ ଟ୍ରେନିଂ ନେଲି। ତା'ପରେ ଦମନ୍ ନାମକ ଏକ ଥ୍ରୀ ଷ୍ଟାର୍ ହୋଟେଲ୍‌ରେ ଗୀତ ବୋଲିବା ଆରମ୍ଭ କଲି। ଏପରି କି ଯେବେ ବି ତାଜ୍ ହୋଟେଲ୍‌ରେ ବଡ଼ ବଡ଼ ପ୍ରୋଗ୍ରାମ୍ ହେଉଥିଲା ସେଠାକୁ ବି ଗୀତ ଗାଇବାକୁ ଯାଉଥିଲି। ତା'ସହିତ ବଜରଙ୍ଗ୍ ବାଦ୍‌ଶାହା, ରାଜୁ ଶ୍ରୀବାସ୍ତବଙ୍କ ଭଳି କେତେଜଣ ନାମୀଦାମୀ କଳାକାର ମିଶି ଏକ ଅର୍କେଷ୍ଟ୍ରା ଗ୍ରୁପ୍ କରିଥିଲେ, ସେଥିରେ ସାମିଲ ହୋଇ ଅନେକ ପ୍ରୋଗ୍ରାମ୍‌ରେ ଗୀତ ବୋଲି ଚାଲିଲି। ପ୍ରାୟ ୧୦ ବର୍ଷ ମୁମ୍ବାଇରେ ରହିଲି। ତା'ଭିତରେ ପୁଅ ହୋଇସାରିଥାଏ। ହଠାତ୍ ଗୋଟିଏ ଅଟୋ ଦୁର୍ଘଟଣାରେ ଆହତ ହୋଇ ବର୍ଷେ ଶଯ୍ୟାରେ ପଡିବା ପରେ ଓଡ଼ିଶା ଫେରି ଆସିବାକୁ ନିଷ୍ପତ୍ତି ନେଲି। ହେଲେ ସ୍ୱାମୀ ଆସିପାରିଲେ ନାହିଁ। ୨୦୦୨ରେ ଭୁବନେଶ୍ୱର ଆସିଲି। ପୁଅ ଛୋଟ ଥିବାରୁ ଓଡିଶା ଫେରିବା ପରେ ବି ୧୦ ବର୍ଷ ଯାଏଁ କିଛି କଲି ନାହିଁ। ତା'ପରେ ସଙ୍ଗୀତ ଶିକ୍ଷୟିତ୍ରୀ ଭାବେ ନୂଆ କରି କ୍ୟାରିୟର୍ ଆରମ୍ଭ କଲି। ଏବେ ଜାଆଁଳାସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ସଙ୍ଗୀତ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିବା ସହ ଷ୍ଟେଜ୍ ପ୍ରୋଗ୍ରାମ୍ ବି କରୁଛି। ତା'ସହିତ ଅଡିସନ୍ ଦେଇ ଏଇ କିଛିମାସ ତଳେ ପୁଣି ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ହେବାର ସୌଭାଗ୍ୟ ମଧ୍ୟ ପାଇଛି। ଏହାସହ ଏଇ ନିକଟରେ ଏକ ଆଲବମ୍ ପାଇଁ ରେକର୍ଡିଂ କାମ ବି ଶେଷ କରିଛି। ମୋ ଭାଇ କଣ୍ଠଶିଳ୍ପୀ ପ୍ରଶାନ୍ତ ମୁଦାଲି(ଯିଏ କି ଆଉ ଏ ଦୁନିଆରେ ନାହାନ୍ତି)ଙ୍କର ଅଧୂରା ସ୍ୱପ୍ନକୁ ପୂରା କରିବା ଏବେ ମୋ ଜୀବନର ଲକ୍ଷ୍ୟ ପାଲଟିଯାଇଛି।

– ଅନ୍ୱିତା

# ଅଧୀର ମନକୁ ଲଗାମ ନାହିଁ, ଚୋରା ପୀରତିକୁ ଭରସା ନାହିଁ

**ପ୍ରଶ୍ନ–** ଥରେ ଜଣେ ଝିଅ ସହ ମୋର ଦେଖାହେଲା। ଆମ ଦୁହିଁଙ୍କ ଭିତରେ ଏବେ ଲୁଚାଛପା ପ୍ରେମ ଚାଲିଛି। ଏଭଳି ପ୍ରେମକୁ ନେଇ ଆଗେଇବା ଠିକ୍ ହେବ କି ?

*–ଅମୂଲ୍ୟ ସାହୁ, ପାରାଦୀପ*

**ଉତ୍ତର :** ଲୁଚାଛପା ପ୍ରେମରେ ଦମ୍ ନ ଥାଏ। ଏହାକୁ ନେଇ ଯେତେ ଆଗକୁ ଆଗେଇବ ନିଶା ଖସି ପଡିଲେ ସେତିକି ଦୁଃଖ ଲାଗିବ। କାରଣ ଏଭଳି ଚୋରା ପୀରତି ସବୁବେଳେ ଭୟଙ୍କର। କଥାରେ ଅଛି–'ଅଧୀର ମନକୁ ଲଗାମ ନାହିଁ, ଚୋରା ପୀରତିକୁ ଭରସା ନାହିଁ।' ତେଣୁ ଏଭଳି ପ୍ରେମ ଉପରେ ଶତ ପ୍ରତିଶତ ଭରସା ରଖିବା ଠିକ ନୁହେଁ। ଯଦି ଦୁହେଁ ଦୁହିଁଙ୍କର ପସନ୍ଦ ତେବେ ତାହାର ଖୁଲାସା କରିବାକୁ ଡରୁଛନ୍ତି କିଆଁ ? ପ୍ରେମରେ ଯଦି ଡରିଯିବେ ତେବେ ଆପଣଙ୍କ ଗୋଡ ଆଗକୁ କ'ଣ ସବୁବେଳେ ପଛକୁ ପଡିବ। ତେଣୁ ନିଜ ଅଧୀର ମନକୁ ସ୍ଥିର ଅବସ୍ଥାକୁ ଆଣି ଅସଲ ପ୍ରେମର ମଜା ନିଅନ୍ତୁ।

**ପ୍ରଶ୍ନ–** କହିବେ କି ସାଥୀ, ପ୍ରେମିକ-ପ୍ରେମିକା ପ୍ରେମରେ ବୁଡି ରହିଥିବା ବେଳେ ଯେଉଁ ସ୍ମୃତି ଅନୁଭୂତିକୁ ସାଉଁଟି ଥାଆନ୍ତି ତାହା କାହିଁକି ଅବିସ୍ମରଣୀୟ ହୋଇ ରହିଥାଏ ?

–ବିଜୁ ସାହୁ, ଭୂମିକା ଭେରାଇଟି ଷ୍ଟୋର, ନାଗବାଲି, କଟକ

**ଉତ୍ତର :** ଯଦି ଆପଣ ଅସଲ ପ୍ରେମ କରୁଛନ୍ତି, ଯାହା ବସନ୍ତ ଋତୁର ଆକାଶ ପରି ନିର୍ମଳ ତେବେ ସେଥିରେ ଅନେକ ସୁଖଦ ଅନୁଭୂତି ଲୁଚି ରହିଥାଏ। ସେଗୁଡିକ ଯେତେବେଳେ ମନରେ ପୁଣି ଥରେ ଉଙ୍କି ମାରେ ସେତେବେଳେ ମନରେ ଯେଉଁ ଖୁସିର ଜୁଆର ଆସେ ତାହା ବର୍ଣ୍ଣନାତୀତ। ଯଦି ଆପଣଙ୍କ ପ୍ରେମରେ ଟିକେ ହେଲେ ଆବିଳତା ନାହିଁ ତେବେ ସେଥିରେ ଏପରି କଥା ରହିଛି, ଯାହାକୁ ଆପଣ ଚେଷ୍ଟା କଲେ ମଧ୍ୟ ଭୁଲିପାରିବେ ନାହିଁ। ତେଣୁ ତାହାର କାରଣ ଖୋଜିବା ଅପେକ୍ଷା ସେହି ସ୍ମୃତିଗୁଡିକର ମଜା ନିଅନ୍ତୁ।

**ପ୍ରଶ୍ନ–** ସୂର୍ଯ୍ୟଙ୍କୁ ବାଦଲ ଢାଙ୍କି ଦେଲେ ସୂର୍ଯ୍ୟ ଆଉ ଦେଖାଦେଇ ନ ଥାନ୍ତି। ଠିକ୍ ସେହିପରି ପ୍ରେମକୁ କିଏ ଢାଙ୍କି ଦେଲେ ତାହା ସ୍ୱାଦହୀନ ହୋଇଯାଏ ?

*–ସାରଥି ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର*

**ଉତ୍ତର :** ପ୍ରେମରେ ଯଦି ସ୍ୱାର୍ଥ ରହିଲା, ତାହା ଯଦି ଅହଂକାର ଦ୍ୱାରା କବଳିତ ହେଲା ତେବେ ତାହାର ସ୍ୱାଦ ଦିନକୁ ଦିନ କମିଯାଏ। ଏପରି ସମୟ ଆସେ ସେଭଳି ପ୍ରେମରେ ମସ୍‌ଗୁଲ ରହିବା ଯାହା ନ ରହିବା ସେଇଆ। ତେଣୁ ପ୍ରେମରେ ଆଦୌ ଅହଂଭାବ ଆଣନ୍ତୁ ନାହିଁ। ନିଜର ସ୍ୱାର୍ଥସାଧନ ପାଇଁ ଯଦି ପ୍ରେମ କରୁଛନ୍ତି ତେବେ ସେହି ପ୍ରେମ ଅଦିନିଆ ମେଘ ପରି କୁଆଡେ ଉଡିଯିବ ତାହା କଳ୍ପନା କରିପାରିବେ ନାହିଁ।




# ବାଥ୍‌ଟବ୍‌



**ଆଜିକାଲିର ମଡର୍ନ ବାଥ୍‌ରୁମ୍‌ରେ ବାଥ୍‌ଟବ୍‌ର ସ୍ଥାନ ସ୍ବତନ୍ତ୍ର। ତା'ମଧ୍ୟରେ ସ୍ନାନ କଲେ ଦିନତମାମ ତାଜା ଲାଗେ। ଆଉ କାମ କରି ଥକି ଆସିଥିବା ବ୍ୟକ୍ତି ଏହାମଧ୍ୟରେ ପାଏ ବେଶ୍ ଆରାମ। ତେବେ ସାଧାରଣ ବାଥ୍‌ଟବ୍‌ଠୁ କିଛି ଭିନ୍ନ ଓ ଅଜବ ବାଥ୍‌ଟବ୍ ବି ରହିଛି, ଯାହାକୁ ନିଜ ବାଥ୍‌ରୁମ୍‌ରେ ରଖିପାରିଲେ ଆରାମ ପାଇବା ସହ ଆପଣଙ୍କ ବାଥ୍‌ରୁମ୍ ହୋଇଯିବ କିଛି ଖାସ୍...**

**ଶୁ ବାଥ୍‌ଟବ୍:** ଇଟାଲୀୟ ଡିଜାଇନର୍ ମାସିମିଲିଆନୋ ଡେଲା ମୋନାକା ହେଉଛନ୍ତି ଏହି ଅଜବ ତଥା ଆକର୍ଷକ ବାଥ୍‌ଟବ୍‌ର ଡିଜାଇନର୍। ଏହା ଦେଖିବାକୁ ଏକ ସାଣ୍ଡେଲ ପରି, ଯାହାର ଏକ ବିରାଟକାୟ ହିଲ୍ ରହିଛି। ଏହାକୁ ଡେକୋରେଟ୍ କରାଯାଇଛି ଦାମୀ କାଚର ମୋଜାଇକ୍‌ରେ। ଆଉ ମୂଲ୍ୟ ହେଉଛି ୧୭,୦୦୦ ଡଲାର୍।

**ରେଡ୍ ଡାଇମଣ୍ଡ ବାଥ୍ ଟବ୍–** ଏହା ହେଉଛି ପୃଥିବୀର କିଛି ଦାମୀ ବାଥ୍‌ଟବ୍ ମଧ୍ୟରେ ଅନ୍ୟତମ। ଏଥିରେ ରହିଛି ଅନେକ ଲକ୍‌ଜ୍ୟୁରିୟସ୍ ଫିଚର୍ସ। ଯେମିତି କି– ଦୁଇଟି ୱାଟରପ୍ରୁଫ୍ ଏଚ୍‌ଡି ଟିଭି, ଜିଏସ୍‌ଏମ୍ ରିମୋଟ୍ କଣ୍ଟ୍ରୋଲ୍, ୪୨ ଗ୍ରାମ ବିଶିଷ୍ଟ ୧୮ କ୍ୟାରେଟ୍ ସୁନାର ଫ୍ରେମ୍ ଏବଂ ସ୍ବରଭୋସ୍କି କ୍ରିଷ୍ଟାଲ ବି ଏଥିରେ ଖଚିତ ହୋଇଛି। ଏହାର ଦାମ୍ ହେଉଛି ୪୭,୨୦୦ଡଲାର।









**ବାଥ୍‌ଟବ୍ ବୁକ୍‌କେସ୍–** ଡିଜାଇନର୍ ଅଣ୍ଟୋନିଓ ଲୁପି, ବିବଲିଓ ନାମକ ଏକ ଅଜବ ବାଥଟବ୍ ପ୍ରୋଜେକ୍ଟ ଡିଜାଇନ୍ କରିଛନ୍ତି। ଏହା ଖାସ୍‌କରି ପୁସ୍ତକ ପ୍ରେମୀଙ୍କୁ ନଜରରେ ରଖି କରାଯାଛି। କାରଣ ଉକ୍ତ ବାଥ୍‌ଟବ୍‌ର ପଛଭାଗରେ ରହିଛି ବୁକ୍ କେଶ୍। ବାଥ୍‌ଟବ୍‌ଟି ରେଜିନ୍ ଓ କାଠରେ ନିର୍ମିତ। ଯେଉଁମାନେ ଏହି ବାଥଟବ୍ ଚାହୁଁଛନ୍ତି ତାଙ୍କୁ କିନ୍ତୁ ୧୭,୩୦୦ ଡଲାର ଖର୍ଚ୍ଚ କରିବାକୁ ହେବ।

**ଗୋଲ୍ଡେନ୍ ବାଥଟବ୍–** ୧୮ କ୍ୟାରେଟ୍ ସୁନା ଓ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ନିର୍ମିତ ଏହି ବାଥଟବ୍ ଏକ ଜାପାନୀ ହୋଟେଲ୍ ଚେନ୍ ଦ୍ୱାରା ନିର୍ମିତ। ୨୮ ଇଞ୍ଚର ଉକ୍ତ ବାଥ୍‌ଟବ୍‌ର ଓଜନ ୮୦ କି.ଗ୍ରା. ଓ ଏହାର ମୂଲ୍ୟ ହେଉଛି ୧ ମିଲିୟନ ଡଲାର୍। ତେବେ ୨୦୦୭ରେ ଏହି ବାଥ୍‌ଟବ୍ ଉକ୍ତ ରିସର୍ଟରୁ ଚୋରି ହୋଇଯାଇଥିଲା।

**ଲକ୍‌ଜ୍ୟୁରିୟସ୍ ବାଥ୍‌ଟବ୍–** ପାଓଲା ପେରିଆ ହେଉଛନ୍ତି ଏହି ବାଥ୍‌ଟବ୍‌ର ଡିଜାଇନର୍। କଳା ଓ ଧଳା ରଙ୍ଗର ଉକ୍ତ ବାଥ୍‌ଟବ୍‌ର ଲୁକ୍ ବହୁତ ଆକର୍ଷକ ଓ ମଡର୍ନ। ଏଥିରେ ଏକ ବିଲ୍ଟ ଇନ୍ କମ୍ପ୍ୟୁଟର ରହିଛି, ଯାହା ମିନେରାଲ୍ସକୁ ନାଚୁରାଲ୍ ଏସେନ୍ସ ସହ ମିଶ୍ରଣ କରିଥାଏ। ଏଥିରେ ୬ ପ୍ରକାରର ପ୍ରିସେଟ୍ ସ୍ପା ପ୍ରଦାନ କରିପାରୁଥିବା ହାଇଡ୍ରୋଥର୍ମାଲ୍ ସ୍ପାର ସୁବିଧା ରହିଛି। ଏହି ବାଥ୍‌ଟବ୍‌ରେ ଆବଶ୍ୟକତା ଅନୁସାରେ ରିଲାକ୍ସିଂଠୁ ଆରମ୍ଭ କରି ଏନ୍‌ରଜାଇଜିଂ ସ୍ପାର ଚୟନ କରି ତା'ର ମଜା ଉଠାଇପାରିବେ।

**ବୋଟ୍ ବାଥ୍‌ଟବ୍–** ଡଚ୍ ଡିଜାଇନର୍ ୱିକି ସୋମର୍ସ ତିଆରି କରିଛନ୍ତି ଏହି ଡଙ୍ଗାକୃତିର ବାଥ୍‌ଟବ୍‌କୁ। ତାଙ୍କ ମତରେ– ପାଣି ଉପରେ ଭାସିବା ଓ ପହଁରିବାର ଅନୁଭୂତି ପ୍ରାୟ ଏକାପ୍ରକାରର। ତେଣୁ ଉଭୟର ମିଶ୍ରଣରେ ମୁଁ ଏହି ବୋଟ୍ ଭଳି ଦେଖା ଯାଉଥିବା ବାଥ୍‌ଟବ୍ ତିଆରି କରିଛି।

**ଲଗୁନା ପର୍ଲ ଉଡେନ୍ ବାଥ୍‌ଟବ୍–** ସ୍ୱିଜରଲାଣ୍ଡର ଅଲେଗ୍ନା ନାମକ ଏକ କମ୍ପାନୀ ଉକ୍ତ ବାଥ୍‌ଟବ୍‌କୁ ଉନ୍ମୋଚନ କରିଛି। କଳା ରଙ୍ଗର କାଠରେ ତିଆରି ଏହି ବାଥ୍‌ଟବ୍ ଏତେ ମାତ୍ରାରେ ଚକ୍ ଚକ୍ କରେ ଲାଗେ ସତେ ଯେମିତି ତାହା ମଣିମୁକ୍ତା।









ଗୁଡି

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ- କୁମାର ଶରତ

# ହାଃ ହାଃ

## ଚନ୍ଦ୍ରପୃଷ୍ଠ

ଶିକ୍ଷକ- ଚନ୍ଦ୍ରପୃଷ୍ଠରେ ପ୍ରଥମେ କିଏ ପାଦ ପକାଇଥିଲେ ?
ପପୁ- ବାହୁବଳୀ।
ଶିକ୍ଷକ- ଗଧ କୋଉଠି କାର। ବାହୁବଳୀ କେବେ ପାଦ ପକାଇଲା ?
ପପୁ- ସାର୍ ବୁଝିପାରିଲେନି ବୋଧେ। ବାହୁ -ଆର୍ମ, ବଳୀ -ଷ୍ଟ୍ରଙ୍ଗ୍। ଅର୍ଥାତ୍ ଆର୍ମଷ୍ଟ୍ରଙ୍ଗ।

## ଛୋଟ

ସେଲୁନ୍ ବାଲାକୁ ରାଜେଶ- ଆରେ ଭାଇ ଚୁଟିକୁ ଛୋଟ କରିଦିଅ।
ସେଲୁନ୍ ବାଲା-କେତେ ?
ରାଜେଶ- ଏତେ ଛୋଟ କରିଦିଅ ଯେମିତିକି ମୋ ସ୍ତ୍ରୀ ତାକୁ ଧରିପାରିବନି।

## ଦୃଢ଼ମନ

ଶିକ୍ଷକ- ମନ ଦୃଢ଼ ଥିଲେ ପଥରରୁ ବି ପାଣି ବାହାର କରିପାରିବ।
ଗୋଲୁ- ସାର୍, ମୁଁ ତ ଲୁହାରୁ ବି ପାଣି ବାହାର କରିପାରିବି।
ଶିକ୍ଷକ- ସତ! କେମିତି ?
ଗୋଲୁ- ହ୍ୟାଣ୍ଡପମ୍ପ ମାରି।




# ୱାରାଙ୍ଗଲ



**ତେଲେଙ୍ଗାନାର ୱାରାଙ୍ଗଲ ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ। ଅନେକ ପ୍ରାଚୀନ ଦୁର୍ଗ, ମନ୍ଦିର ଏଠାରେ ଦେଖିବାକୁ ମିଳେ । ତେଣୁ ଇତିହାସରେ ରୁଚି ରଖିଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ବେଷ୍ଟ ଡେଷ୍ଟିନେଶନ।**







ତେଲେଙ୍ଗାନାସ୍ଥିତ ଏକ ଆକର୍ଷଣୀୟ ସହର ହେଉଛି ୱାରାଙ୍ଗଲ। ଐତିହାସିକ ପର୍ଯ୍ୟଟନସ୍ଥଳୀ ଭାବେ ଏହାର ରହିଛି ଅନେକ ଖ୍ୟାତି। ଏଠାରେ ବହୁ ପ୍ରାଚୀନ ଦୁର୍ଗ, ମନ୍ଦିର ତଥା ଲୋକପ୍ରିୟ ଦର୍ଶନୀୟ ସ୍ଥାନ ଦେଖିବାକୁ ମିଳିଥାଏ। ତେଣୁ ଇତିହାସରେ ରୁଚି ରଖିଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ କହିଲେ ଭୁଲ୍ ହେବନାହିଁ।

### କେବେ ଯିବେ

ୱାରାଙ୍ଗଲରେ ମାର୍ଚ୍ଚରୁ ମେ' ପର୍ଯ୍ୟନ୍ତ ଗ୍ରୀଷ୍ମ, ଜୁନ୍‌ରୁ ସେପ୍ଟେମ୍ବର ବର୍ଷା ଏବଂ ଅକ୍ଟୋବରରୁ ଫେବୃୟାରୀ ଶୀତଋତୁ ଅନୁଭୂତ ହୋଇଥାଏ। ଖରାଦିନେ ଏଠାରେ ସର୍ବୋଚ୍ଚ ତାପମାତ୍ରା ପ୍ରାୟତଃ ୪୨ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହେ। ବର୍ଷା ମଧ୍ୟ ଏଠାରେ ସାଧାରଣ ହୋଇଥାଏ। ତା'ଛଡ଼ା ଶୀତଦିନେ ଏଠାକାର ସର୍ବୋଚ୍ଚ ତାପମାତ୍ରା ୨୨-୨୩ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହିଥାଏ। ତେଣୁ ଏ ଦୃଷ୍ଟିରୁ ଶୀତଦିନେ ଏଠାକୁ ବୁଲିଯିବା ସବୁଠୁ ଶ୍ରେୟସ୍କର।

### କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। କାଜିପେଟ୍ ଜଙ୍କସନ୍ ରେଲୱେ ଷ୍ଟେଶନ ଏବଂ ୱାରାଙ୍ଗଲ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ଦୁଇ ରେଳଷ୍ଟେଶନ। ସେହିପରି ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଉଭୟ ସରକାରୀ ଓ ବେସରକାରୀ ବସ୍ ଯାତାୟାତ କରିଥାଏ। ପର୍ଯ୍ୟଟକ ନିଜ ସୁବିଧା ଅନୁଯାୟୀ, ଯେଉଁଥିରେ ଚାହିଁବେ ସେଥିରେ ଯାଇ ସୁବିଧାରେ ୱାରାଙ୍ଗଲରେ ପହଞ୍ଚିପାରିବେ।

### କ'ଣ ଦେଖିବେ

**ୱାରାଙ୍ଗଲ ଦୁର୍ଗ:** ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ଦୁର୍ଗଟିକୁ କୁଆଡ଼େ ତ୍ରୟୋଦଶ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା। ତା'ଛଡ଼ା ଅତୀତରେ ଏହି ଦୁର୍ଗ ଉପରକୁ ଅନେକ ଥର ଆକ୍ରମଣ ମଧ୍ୟ ହୋଇଥିଲା। କିନ୍ତୁ ମଜଭୁତ ନିର୍ମାଣ କାର୍ଯ୍ୟ ଯୋଗୁ ଆଜି ବି ଏହି ଦୁର୍ଗ ନିଜର ଅସ୍ତିତ୍ୱ ବଜାୟ ରଖିଥିବା ଦେଖିବାକୁ ମିଳୁଛି। ସୂଚନାନୁଯାୟୀ, ପର୍ଯ୍ୟଟକଙ୍କ ନିମନ୍ତେ ଏହି ଦୁର୍ଗ ସକାଳ ୯ରୁ ସନ୍ଧ୍ୟା ୬ ଯାଏଁ ଖୋଲା ରହିଥାଏ।

**ଥାଉଜାଣ୍ଡ ପିଲାର ଟେମ୍ପଲ:** ଏହାକୁ କେହି କେହି ରୁଦ୍ରେଶ୍ୱର ସ୍ୱାମୀ ମନ୍ଦିର ବୋଲି ମଧ୍ୟ କହିଥାନ୍ତି। ଏହା ଏକ ଐତିହାସିକ ହିନ୍ଦୁ ମନ୍ଦିର ଭାବେ ପରିଚିତ। ଭଗବାନ ଶିବ, ବିଷ୍ଣୁ ଏବଂ ସୂର୍ଯ୍ୟଦେବତାଙ୍କୁ ଏହା ସମର୍ପିତ। କୁହାଯାଏ, ଏହି ମନ୍ଦିର କୁଆଡ଼େ ହଜାରଟି ସ୍ତମ୍ଭ ଉପରେ ନିର୍ମିତ। ସେଥିପାଇଁ ତ ଏହାକୁ ଥାଉଜାଣ୍ଡ ପିଲାର ଟେମ୍ପଲ ବା ହଜାର ସ୍ତମ୍ଭବାଲା ମନ୍ଦିର କୁହାଯାଇଥାଏ।

**ରାମାପ୍ପା ମନ୍ଦିର:** ୱାରାଙ୍ଗଲଠାରୁ ପ୍ରାୟ ୭୭ କି.ମି. ଦୂରରେ ଏହି ମନ୍ଦିର ଅବସ୍ଥିତ। ଏଠାରେ ମଧ୍ୟ ଅନେକ ଐତିହାସିକ କୀର୍ତ୍ତିରାଜି ଦେଖିବାକୁ ମିଳିଥାଏ। ମନ୍ଦିରଟିର ଆକର୍ଷଣୀୟ କାରୁକାର୍ଯ୍ୟ ବି ମନ ମୋହିନିଏ ପର୍ଯ୍ୟଟକଙ୍କର।

**ଅନ୍ୟାନ୍ୟ ଧର୍ମସ୍ଥଳୀ:** ଭଦ୍ରକାଳୀ ମନ୍ଦିର, ପଦ୍ମାକ୍ଷୀ ମନ୍ଦିର, କାଜିପେଟ୍ ଦର୍ଗା ଇତ୍ୟାଦି ଧାର୍ମିକସ୍ଥଳୀ ବୁଲି ଦେଖିବାର ସୁଯୋଗ ବି ପର୍ଯ୍ୟଟକ ଏଠାରେ ପାଇବେ।

ଏସବୁ ବ୍ୟତୀତ ଭଦ୍ରକାଳୀ ହ୍ରଦ, ଧର୍ମସାଗର ହ୍ରଦ ତଥା ୱେଡେପାଲ୍ଲି ହ୍ରଦ ଇତ୍ୟାଦି ମଧ୍ୟ ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ଦେଇଥାଏ।

### କ'ଣ ଖାଇବେ

ଏଠାକାର ଲୋକେ ଚପାତି ଏବଂ ପୁରି ଖାଇବାକୁ ଭଲ ପାଇଥାନ୍ତି। ଭାତ ସହିତ ଦହି ଖାଇବା ମଧ୍ୟ ଏମାନଙ୍କର ଆଉ ଏକ ପସନ୍ଦ। ବିରିଆନି ବି ଏମାନଙ୍କୁ ଭଲ ଲାଗେ।



# ୮୦ ବର୍ଷରେ ସାଲ୍‌ସା

ବ୍ରିଟେନ୍‌ର ୮୦ ବର୍ଷୀୟା ପେଡି ଜୋନ୍ସ। ଚର୍ମରେ ତାଙ୍କର କୁଞ୍ଚନ ଆସିଗଲାଣି। ଆଉ ବୟସର ଛାପ ବି ବାରି ହୋଇଯାଉଛି। ହେଲେ ମନ ତାଙ୍କର ଏବେ ବି ଯୁବସୁଲଭ। ଆଉ ସେ ଏମିତି କାରନାମା କରି ଦେଖାଇଛନ୍ତି, ଯାହା ଯୁବପିଢିଙ୍କ ପାଇଁ ବି କରିବା ଅସମ୍ଭବ। ସେ ତାଙ୍କର ୪୦ ବର୍ଷୀୟ ଡ୍ୟାନ୍ସ ପାର୍ଟନର୍ ନିକୋ ଏସ୍ପିନୋସାଙ୍କ ସହ ମିଶି ଏଭଳି ସାଲ୍‌ସା ନୃତ୍ୟ କରନ୍ତି, ଯେ ଯାହାକୁ ଦେଖି ସମସ୍ତେ ଚକିତ ହୋଇଯାଆନ୍ତି। ଫଳରେ ସେ ସବୁଠୁ ବୟସ୍କା ଆକ୍ରୋବାଟିକ୍ ସାଲ୍‌ସା ଡ୍ୟାନ୍ସରଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ବ୍ରିଟେନ୍‌ସ ଗଟ୍ ଟ୍ୟାଲେଣ୍ଟରେ ବି ସେ ଏତେ ଚମତ୍କାର ସାଲ୍‌ସା ନୃତ୍ୟ କରିଥିଲେ, ଯେ ଆମାଣ୍ଡା ହୋଲ୍ଡେନ୍ ନାମ୍ନୀ ଜଜ୍ ତାଙ୍କ ପାଇଁ ଗୋଲ୍ଡେନ୍ ବଜର୍ ଦବାଇ ସିଧା ସେମିଫାଇନାଲ୍‌କୁ ପଠାଇଦେଇଥିଲେ। ଆଉ ସେ ଉକ୍ତ ପ୍ରତିଯୋଗିତାରେ ୯ମ ସ୍ଥାନରେ ରହିଥିଲେ। ଏହା ବ୍ୟତୀତ ନିକଟରେ ଅର୍ଥାତ ୮୧ ବର୍ଷ ବୟସରେ ସେ ସ୍ପେନ୍‌ର ଏକ ଜନଗହଳିପୂର୍ଣ୍ଣ ଗଳିରେ ନିଜ ପାର୍ଟନର୍ ସହ ମିଶି ଚମତ୍କାର ନୃତ୍ୟ ପରିବେଷଣ କରି ପୁଣି ଚର୍ଚ୍ଚାକୁ ଆସିଥିଲେ। ସେଦିନ ବାଟରେ ଯାଉଥିବା ଲୋକ ଅଟକି ଯାଇ କରତାଳିରେ ପରିବେଶକୁ ମୁଖରିତ କରିଦେଇଥିଲେ। ସୂଚନାଯୋଗ୍ୟ, ବିବାହ ପରେ ପେଡି ଏହି ନୃତ୍ୟକୁ ଦୀର୍ଘବର୍ଷ ପର୍ଯ୍ୟନ୍ତ ଛାଡି ଦେଇଥିଲେ।





## କାର୍ଟୁନ କର୍ନର



# ଟ୍ରାଜେଡି ଷ୍ଟାରଙ୍କ ଯାତ୍ରା

ସତ୍ୟ କଳ୍ପନାଠାରୁ ବି ଭୟଙ୍କର! ଜଲିଉଡ୍‌ର ଟ୍ରାଜେଡି ଷ୍ଟାର ସୁବାସ ବେହେରାଙ୍କ କାହାଣୀ ଶୁଣିବା ପରେ ଠିକ୍ ଏମିତି ମନେହୁଏ। ବାପା ମାଟି ଖୋଳିଲେ ତାଙ୍କ ଘରେ ଚୁଲି ଜଳେ। ପାଠ ପାଇଁ ପଇସା ନ ଥିଲା। ତଥାପି ସେ ମାଟ୍ରିକ୍ ପାସ୍ କଲେ। ଭାବିଥିଲେ, ବାପାଙ୍କଠୁ କିଛି ଟଙ୍କା ନେଇ ଗ୍ୟାରେଜଟେ କରିବେ। ମାତ୍ର ବାପା କୋଉଠୁ ଆଣିବେ ଟଙ୍କା ? ଅଭିମାନରେ ଘର ଛାଡ଼ିଦେଲେ। ଚାଲିଚାଲି ଭଦ୍ରକ, ପୁଣି ଜାମୁଝାଡ଼ି ଯାଏ ଚାଲିଆସିଲେ। ହେଲେ ଯିବେ କୁଆଡ଼େ ? ରାସ୍ତାରେ ଠିଆହୋଇ କାନ୍ଦିଲେ। ପୁଣି ଫେରିଲେ ପଛକୁ। ରାଣିତାଲରେ ଏକ ଯାତ୍ରାପାର୍ଟି ପଡ଼ିଥାଏ। ଭାବିଲେ, ଯାତ୍ରାପାର୍ଟିରେ କାମ କରିବେ। ହେଲେ ଗୋଟେ ମାଟ୍ରିକ ପଢୁଆ ପିଲାକୁ କିଏ ବା ଯାତ୍ରାପାର୍ଟିରେ କି କାମ ଦେବ। ତଥାପି କିଛିଦିନ ସେ ସେଇଠି ରହିଲେ। କିଛି ନ ହେଉ ଖାଇବା ତ ମିଳିଗଲା। ବାପା ଖବର ପାଇ ଆସି ଘରକୁ ଫେରେଇନେଲେ। ଚାନ୍ଦବାଲି କଲେଜରେ ଆଡମିସନ ହେଲା। କଲେଜର ଛାତ୍ର ରାଜନୀତିରେ ସେ ସମ୍ପୃକ୍ତ ହୋଇପଡ଼ିଲେ। ସେତେବେଳେ ଚାନ୍ଦବାଲି କଲେଜକୁ କମ୍ୟୁନିଷ୍ଟର ଗଡ଼ ବୋଲି ବିବେଚନା କରାଯାଉଥାଏ। ବିବାଦୀୟ ହୋଇ ଉଠିଲେ ସୁବାସ। ସେହିବର୍ଷ ଡିପ୍ଲୋମା ପଢ଼ିବା ପାଇଁ ଲେଟର ଆସିଥାଏ। ସେ ଚାଲିଗଲେ ରାଉରକେଲା। ଡିପ୍ଲୋମା ପଢ଼ିଲେ ଆଉ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟରେ ଇଲେକ୍‌ଟ୍ରିକାଲ ଇଞ୍ଜିନିୟର ଭାବରେ ଚାକିରି ମଧ୍ୟ କଲେ। ସୁବାସ ଭାବୁଥିଲେ, ଏବେ ଜୀବନ ଠିକ୍‌ଠାକ୍ ଚାଲିବ। ମାତ୍ର ନା। ସେ ଷ୍ଟିଲ୍‌ପ୍ଲାଣ୍ଟରେ ଥିବା ବେଳେ ଅନିଚ୍ଛାକୃତ ଭାବରେ ଏକ ଦୁର୍ଘଟଣାରେ ଛନ୍ଦି ହୋଇଗଲେ। ସେ ଦୁର୍ଘଟଣା ତାଙ୍କଠୁ କେବଳ ଚାକିରି ଛଡ଼େଇ ନେଲାନି, ତା' ସହିତ ବାପାମା' ବନ୍ଧୁବାନ୍ଧବ ମଧ୍ୟ ଦୂରେଇଗଲେ। ବାପା ତାଙ୍କୁ ଏକପ୍ରକାର ତ୍ୟେଜ୍ୟପୁତ୍ର କରିଦେଲେ। ସୁବାସଙ୍କ ଜୀବନରେ ପୁଣି ବୈଶାଖର ତତଲା ଝାଞ୍ଜି ବହିଲା। ସମ୍ବଳ କହିଲେ, ଗୋଟେ ସିଟ୍ ଚିରି ଯାଇଥିବା ସାଇକେଲ। ହଳେ କି ଦୁଇହଳ ଚିରିଯାଇଥିବା ପ୍ୟାଣ୍ଟସାର୍ଟ। ହାତରେ କାଣି କଉଡ଼ିଟାଏ ବି ନାହିଁ। ରାଉରକେଲାରେ ଜଣେ ଗାଁ ଲୋକ ରହୁଥାନ୍ତି। ସେ ଦୟା ପାଇ ତାଙ୍କୁ ପ୍ରତିଦିନ ସକାଳେ ମାତ୍ର ଶହେଗ୍ରାମର ଚୁଡ଼ା ଦିଅନ୍ତି। ସେଇଆକୁ ଖାଇ ସକାଳର ଭୋକ ମାରନ୍ତି ସୁବାସ। ଆଉ ଦିନରେ ଯାହା ଯୋଉଠି ମିଳେ! ନ ହେଲେ ଖାଡ଼ା ଉପାସ।

– ରାଉରକେଲାରେ ଥିବାବେଳେ ସେ ବିଭିନ୍ନ ଜାଗାରେ ଡ୍ରାମା କରୁଥାନ୍ତି। ଖଳନାୟକ ଭୂମିକାରେ ତାଙ୍କର ଅଭିନୟ ଥାଏ ବେଶ୍ ବଳିଷ୍ଠ। ସିନିୟର ଇଞ୍ଜିନିୟର ତଥା ଡ୍ରାମା ନିର୍ଦ୍ଦେଶକ ସଚିନ୍ଦ୍ର ସାହୁ (ଯାହାଙ୍କୁ ଗୁରୁ ବୋଲି ସ୍ୱୀକାର କରନ୍ତି ସୁବାସ)ଙ୍କ ସହ ଦୋସ୍ତି ଥାଏ। ସେମାନେ ପ୍ରତିଦିନ ଖଟି କରନ୍ତି। ଚା' ପିଅନ୍ତି। ସିଗାରେଟ୍ ଟାଣନ୍ତି। ସୁବାସ କହନ୍ତି , ମୁଁ ସିଗାରେଟ୍ ଟାଣିବିନି। ସେଇ ପଇସାରେ ବିସ୍କୁଟ୍ ଖାଇଦେଉଛି (କାରଣ, ଖାଇବା ପାଇଁ ତାଙ୍କ ପାଖରେ ପଇସା ନ ଥାଏ!)। ସେଇଆ ହୁଏ। ସେ ବିସ୍କୁଟ୍ ଖାଇଦିଅନ୍ତି। ବିସ୍କୁଟ ଖାଇବା ପରେ ସିଗାରେଟ୍ ଦି' ଢୋକ ପାଇଁ ସଚିବାବୁଙ୍କୁ ହାତ ବଢ଼ାନ୍ତି। ଏମିତି କିଛିଦିନ ଯିବା ପରେ ଦିନେ ସଚିବାବୁ କହନ୍ତି, ତୁ ତ ବଡ଼ ଚାଲାକ ଅଛୁ ବେ। ବିସ୍କୁଟ ଖାଉଛୁ। ପୁଣି ମୋଠୁ ନେଇ ସିଗାରେଟ୍ ବି ଟାଣୁଛୁ! ସୁବାସଙ୍କୁ ଏକଥା ବାଧେ। ସେ ଭୋ ଭୋ ହୋଇ କାନ୍ଦନ୍ତି। ସବୁ କଥା କୁହନ୍ତି ସଚିନ୍ଦ୍ରବାବୁଙ୍କୁ। ପାଖରେ ଥାନ୍ତି ସଚିନ୍ଦ୍ରବାବୁଙ୍କର ଜଣେ ସାଙ୍ଗ। ସେ କହନ୍ତି, ''ମଡର୍ନ ଅପେରା'ରେ କଳାକାର ପାଇଁ ବିଜ୍ଞାପନ ବାହାରିଛି। ତମେ ସେଠି ଟ୍ରାଏ କର।'' ଟ୍ରାଏ କରନ୍ତି ସୁବାସ। ଆଉ ପାର୍ଟି ପାଇଁ ସିଲେକ୍ଟ ହୁଅନ୍ତି ମଧ୍ୟ। ଦରମା ବର୍ଷକୁ ୧୧ହଜାର ଟଙ୍କା। କହିବା ନିଷ୍ପ୍ରୟୋଜନ, ଏଇଠୁ ଆରମ୍ଭ ହୁଏ ଆଜିର କିଙ୍ଗ୍ ଷ୍ଟାର ସୁବାସ ବେହେରାଙ୍କର ପେସାଦାର ଯାତ୍ରାଜୀବନ। ଏହାର କିଛିବର୍ଷ ପରେ ସେ ଆସିଲେ ତାରିଣୀ ଗଣନାଟ୍ୟକୁ। ଅବଶ୍ୟ ସେତେବେଳକୁ ସେ ଖଳନାୟକରୁ ହିରୋ ଭୂମିକାକୁ ଆସି ସାରିଥାନ୍ତି।

– ଯାତ୍ରାରେ ସିନା ଆଗକୁ ଆଗକୁ ଯାଉଥାନ୍ତି ସୁବାସ। ହେଲେ ଘରକୁ ଫେରିପାରୁ ନ ଥାନ୍ତି। ୟା' ମଧ୍ୟରେ ତିନିବର୍ଷ ଅତିକ୍ରାନ୍ତ ହୋଇସାରିଥାଏ। ଦିନେ ସେ ଖବର ପାଇଲେ ଘରର ଅବସ୍ଥା ଅତ୍ୟନ୍ତ ସଙ୍ଗିନ। ସାନଭଉଣୀ ପେଟରେ ଟ୍ୟୁମର। ଟଙ୍କା ନାହିଁ ବୋଲି ଅପରେଶନ ହୋଇପାରୁନି। ପୁଣି ବାପା ୨୨ଶହ ଟଙ୍କା ଲୋନ୍ କରିଥିଲେ ସୋସାଇଟିରୁ। ଶୁଝିପାରୁ ନ ଥିବା ହେତୁ ଜମିବାଡ଼ି ନିଲାମ କରି ନେବାକୁ ବସିଛି ସୋସାଇଟି। ପାର୍ଟି ପଡ଼ିଥାଏ କାକଟପୁରରେ। ସେଠାକୁ ଇଟା କାମ କରିବାକୁ ଯାଇଥିବା ଗାଁର କେତେଜଣ ଲୋକଙ୍କ ଠାରୁ ଏ ଖବର ପାଇ ପାଗଳପ୍ରାୟ ହୋଇଗଲେ ସେ। ମାଲିକଙ୍କୁ ଅନୁରୋଧକରି ଘରକୁ ଫେରିଲେ। ପାଖରେ ଥାଏ ୩୫ହଜାର ଟଙ୍କା। ଆସିବା ବାଟରେ ତାଙ୍କର ଆଖିରୁ ସିନା ଲୁହ ବୋହୁ ନ ଥାଏ, ଛାତିର କୋହକୁ ଚାପିରଖି ପାରୁ ନ ଥାନ୍ତି। ଭଦ୍ରକରେ ଆସି ପହଞ୍ଚିବା ବେଳକୁ ରାତି ୧୧। ଶୁନ୍‌ଶାନ୍ ଭଦ୍ରକ ସହର, ସେତେବେଳକୁ ଶୋଇପଡ଼ିଥାଏ ନିଘୋଡ଼ ନିଦରେ। ଭଦ୍ରକରୁ ମତୋ (ଚାନ୍ଦବାଲି) ଆଖି ପାଉ ନ ଥିବା ବାଟ। କେମିତି ଯିବେ ବୋଲି ଭାବୁଥାନ୍ତି। ସେତିକିବେଳେ ପୀରହାଟର କେତେଜଣ ଲୋକ ଚରମ୍ପାରେ ଛେନା ଦେଇ ସେଇ ବାଟେ ଫେରିଲେ। ସେଇମାନଙ୍କ ସାଇକେଲରେ ଆସି ପହଞ୍ଚିଲେ ଘରେ। ବୋଉ ହାତରେ ଧରେଇଦେଲେ ୩୫ହଜାର ଟଙ୍କା। କହିଲେ, ଚୋରି କରିନି। ଏଥିରେ ଘରର ଅସୁବିଧା ଦୂରେଇଯିବ। ବୋଉ କଂସେ ପଖାଳ ବାଢ଼ିଦେଲା। ତା' ସାଙ୍ଗକୁ ଚକୁଟିଦେଲା ତେନ୍ତୁଳି ଖଟା। ତିନିବର୍ଷ ପରେ ସେ ଖାଇଲେ ମା' ହାତର ମହାପ୍ରସାଦ। ବାପା ଉଠିଆସିଲେ। ଜରାଜୀର୍ଣ୍ଣ ଅବସ୍ଥା। ଗାଳି ଦେଇଗଲେ : ଶଃ... ରଖିଥିଲୁ ଆସି ଖାଇଯାଉଛୁ! ସେ କାନ୍ଦୁଥାନ୍ତି। ଲୁହ ପଖାଳ କଂସାରେ ମିଶିଯାଉଥାଏ। ବୋଉକୁ ଥିରିଥିରି କରି କହୁଥାନ୍ତି, ବାପାଙ୍କୁ କହ ସେ କିଛି ନ କୁହନ୍ତୁ। ମୁଁ ପଖାଳ ଦି'ଟା ଖାଇ ପୁଣି ପଳେଇଯିବି।

ସେଇଆ ହେଲା। ସେ ସେଦିନ ଘରୁ ଫେରି ଆସିଥିଲେ। ଅବଶ୍ୟ ଏହାପରେ ଘରର ଦାୟିତ୍ୱ ବାପାଙ୍କର ନୁହେଁ; ଏଣିକି ତାଙ୍କର ବୋଲି ନୀରବ ପ୍ରତିଶ୍ରୁତି ଦେଇ ଆସିଥିଲେ।



ସୁବାସ ବେହେରା



## ମଣିଷ ଶୁଏ, ମସ୍ତିଷ୍କ ଶୁଏନା

ମଣିଷ ନିଦ୍ରା ଯାଏ। ଥକିଗଲେ ଶୋଇପଡ଼େ। ହେଲେ ବାସ୍ତବରେ ମଣିଷ ଶୁଏନା। କେବଳ କିଛି ସମୟ ବିଶ୍ରାମ ନେଇଥାଏ। ଆଉ ସେତିକିବେଳେ ତା'ର ମସ୍ତିଷ୍କ ଏକ ଜାଗ୍ରତ ପ୍ରହରୀ ପରି ତାକୁ ଜଗି ରହିଥାଏ। ଗବେଷକମାନଙ୍କର ମତ, ଯେତେବେଳେ ମଣିଷ ଶୋଇପଡ଼େ ସେତେବେଳେ ମଣିଷର ମସ୍ତିଷ୍କ ସବୁଠାରୁ ଅଧିକ କାମ କରିଥାଏ । ସେମାନଙ୍କର କହିବା କଥା, ଆମେ ଶୋଇଯିବା ପରେ ହିଁ ଆମର ମସ୍ତିଷ୍କର ଅସଲ କାମ ଆରମ୍ଭ ହୁଏ ।

## ଅଭିନୟ କରିବାକୁ ଇଚ୍ଛା



କ୍ରିଷ୍ଣା

ଓଡ଼ିଆ ଯାତ୍ରାଜଗତର ଅନ୍ୟତମ ଗାୟିକା ତଥା ଉପସ୍ଥାପିକା କ୍ରିଷ୍ଣା ଏବେ ଆଉ ଗୋଟେ ପାଦ ଆଗକୁ ଯିବାର ଯୋଜନା ରଖିଛନ୍ତି। ତାହା ହେଉଛି ଅଭିନୟ। ସେ କହନ୍ତି , ''ମୋର ଅଭିନୟ କରିବାକୁ ଭାରି ଇଚ୍ଛା ଅଛି। ମୋ ଭିତରେ ଅଭିନୟ ଦକ୍ଷତା ରହିଛି, ଯାହାକୁ ମୁଁ ଲୋକମାନଙ୍କ ଆଗକୁ ଆଣିବାକୁ ଚାହେଁ।'' କ୍ରିଷ୍ଣା ଦୁଇବର୍ଷ ତଳେ ଯାତ୍ରାନୁଷ୍ଠାନ 'ଦର୍ଶକ ମହଲ'ରେ ଥିବା ବେଳେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ଜଲିଉଡ୍‌ରେ କ୍ରିଷ୍ଣା ଜଣେ ଜଣାଶୁଣା ଗାୟିକା। ଚଳିତ ସିଜନରେ ସ୍ୱାମୀ ଓମ୍‌ଙ୍କ ସହ ସେ ଏବେ ଧଉଳି ଗଣନାଟ୍ୟରେ କାମ କରୁଛନ୍ତି। ସେ କଣ୍ଠଦାନ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'କିଛି ଲୁହ ପିଇଯାଏ ଓଠ', 'କଳାକାହ୍ନୁ ମୋର କଳିଆ ସୁନା' ଏବଂ 'କହ ଗୌର ଦାସ କାହାର ଦୋଷ'। ସେ ଗାଇଥିବା ଗୀତଗୁଡ଼ିକ ମଧ୍ୟରେ ନାଟକ 'କିଛି ଲୁହ ପିଇଯାଏ ଓଠ'ର ରୋମାଣ୍ଟିକ୍ ଗୀତ 'ମୁଁ ଯେତେ ଭଲପାଏ ତତେ'କୁ ଦର୍ଶକ ତଥା ଶ୍ରୋତାମାନେ ବେଶ୍ ପସନ୍ଦ କରିଛନ୍ତି। ଏହି ଗୀତର ଗୀତିକାର ନିଗମ ମିଶ୍ର ହୋଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶକ ହେଉଛନ୍ତି ସୁପର ଟ୍ୟାଲେଣ୍ଟେଡ୍ ବିକାଶ ଶୁକ୍ଲା।

ବ୍ୟାକ୍ ପେଜ୍







# ମୂଷାଙ୍କ ପାଇଁ ଗାଁ



ଫଟୋଗ୍ରାଫର୍ ସିମୋନ୍ ଡେଲ୍ ଦିନେ ନିଜ ବଗିଚାକୁ ପକ୍ଷୀମାନଙ୍କର ଫଟୋ ଉଠାଇବାକୁ ଆସିଥାଆନ୍ତି। ଏତିକିବେଳେ ତାଙ୍କର ନଜର ପଡିଲା ଏକ ସୁନ୍ଦର ମୂଷା ପରିବାର ଉପରେ। ଯେଉଁମାନେ ନେଉଳ ଭଳି ପଛ ଦୁଇଗୋଡରେ ଠିଆ ହୋଇ ଚାରିଆଡେ ବୁଲି ଦେଖୁଥିଲେ। ଏହି ଦୃଶ୍ୟ ତାଙ୍କ ମନକୁ ବେଶ୍ ଛୁଇଁଥିଲା। ଆଉ ସେହି ମୂଷା ପରିବାରକୁ ସୁରକ୍ଷା ଦେବା ଲାଗି ଘର ତିଆରି କରିବାକୁ ଚାହିଁଲେ। ପ୍ରଥମେ ଛୋଟ ଛୋଟ କାଠକୁ ଏକ ବାକ୍ସ ଚାରିପଟେ ରଖି ତା'ଉପରେ ଘାସ ପକାଇ ଘରଟିଏ କଲେ। ଏହା ଚାରିପଟେ ତାରବାଡ ଘେରାଇଲେ। ଯେମିତି କି ବିଲେଇ ତାହା ମଧ୍ୟକୁ ଯାଇପାରିବ ନାହିଁ। ସେହି ଘରେ ଖାଦ୍ୟର ବ୍ୟବସ୍ଥା ବି କଲେ। କିଛିଦିନ ପରେ ଆହୁରି ଅଧିକ ମୂଷା ଉକ୍ତ ଘରେ ଥିବାର ସିମୋନ୍ ଦେଖିଲେ। ତେଣୁ ମୂଷାଙ୍କ ପାଇଁ ସେ ଆହୁରି ଅଧିକ ଘର ତିଆରି କଲେ। ଆଉ ସେସବୁ ଥିଲା ବେଶ୍ ଆକର୍ଷକ। ଦିନକୁ ଦିନ ମୂଷା ସଂଖ୍ୟା ବଢିଲା ଓ ସେ ବିଭିନ୍ନ ପ୍ରକାରର ସାମଗ୍ରୀ ବ୍ୟବହାର କରି ଘର ତିଆରି କଲେ। ଆଉ ନିଜର ଫଟୋଗ୍ରାଫିର ସଉକ ବି ପୂରଣ କଲେ। ସେହି ଘରଗୁଡିକରେ ଥିବା ମୂଷାଙ୍କର ଖୁବ୍ ସୁନ୍ଦର ସୁନ୍ଦର ଫଟୋ ଉଠାଇଲେ। ଏହି ଫଟୋଗୁଡିକ ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚିତ ହେଲା।









# ଲମ୍ବା ଦୋସା

ଦୋସା, ହେଇପାରେ ଦକ୍ଷିଣ ଭାରତୀୟ ଖାଦ୍ୟ। ହେଲେ ସାରା ପୃଥିବୀରେ ରହିଛି ଏହାର ଆଦର। ଏହି ଦୋସାକୁ ନେଇ ରେକର୍ଡ ବି ହୋଇଛି। ଯେମିତିକି ରେଡିଓ ମିର୍ଚି ୯୮.୩ ଏଫ୍ଏମ୍ ଏବଂ ନାଚୁରେଲା ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲ୍ ମିଳିତଭାବେ ପୃଥିବୀର ସବୁଠାରୁ ଲମ୍ବା ଦୋସା ତିଆରି କରି ଗିନିଜ୍ ୱାର୍ଲଡ ରେକର୍ଡ କରିଛନ୍ତି। ଉକ୍ତ ଦୋସାକୁ ୨୦୧୪, ନଭେମ୍ବର ୧୬ରେ ହାଇଦ୍ରାବାଦ, ତେଲେଙ୍ଗାନାର ଫୋରମ୍ ସୁଜନ ମଲ୍‌ରେ ଥିବା ହୋଟେଲ ଦସ୍‌ପଲା ତିଆରି କରିଥିଲା। ୨୯ଜଣ ସେଫ୍ ମିଶି ୧୩.୬୯ କି.ଗ୍ରା.ର ଉକ୍ତ ଦୋସାକୁ ତିଆରି କରିଥିଲେ। ଯେଉଁଥିରେ ଚାଉଳ, ଡାଲି, ପାଣି, ମେଥି ଓ ଲୁଣର ବ୍ୟବହାର ହୋଇଥିଲା। ଆଉ ରାନ୍ଧିବା ପାଇଁ ନାଚୁରେଲା ରିଫାଇନ୍ ତେଲ ବ୍ୟବହାର ହୋଇଥିଲା।